୭ ସ୍ତ୍ରୀକୁ ଭରଣପୋଷଣ ଦେବାକୁ ପଡିବ ବୋଲି ଛାଡି ଦେଲେ ଚାକିରି




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008







୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

• ବର୍ଷ–୩୨ • ସଂଖ୍ୟା–୫୨ • ୨୧ ମାର୍ଚ୍ଚ ୨୦୨୫, ଶୁକ୍ରବାର • ଭୁବନେଶ୍ୱର • Vol -32 • Issue-52 • 21st March 2025, Friday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ବିଜାପୁର-କାଙ୍କେରରେ ୩୦ ନକ୍ସଲ ନିପାତ

**ରାୟପୁର, ୨୦।୩**

ଛତିଶଗଡ଼ରେ ନକ୍ସଲବାଦ ବିରୋଧରେ ସୁରକ୍ଷା କର୍ମୀଙ୍କୁ ବଡ଼ ସଫଳତା ମିଳିଛି । ବିଜାପୁର ଓ କାଙ୍କେର ଜିଲ୍ଲାରେ ସୁରକ୍ଷା କର୍ମୀଙ୍କ ଏନ୍‌କାଉଣ୍ଟରରେ ୩୦ ନକ୍ସଲ ନିହତ ହୋଇଛନ୍ତି । ଅନ୍ୟପଟେ ହସ୍ତଗତ ସୂଚନା ଅନୁସାରେରେ ମୃତ ନକ୍ସଲଙ୍କ ସଂଖ୍ୟା ଆହୁରି ବଢିପାରେ। ବିଜାପୁରରେ ଅଧିକ ନକ୍ସଲଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଜଙ୍ଗଲରୁ ବିପୁଳ ମାତ୍ରାରେ ଅଟୋମେଟିକ ହତିଆର ଓ ଗୋଳା ବାରୁଦ ଜବତ କରାଯାଇଛି ।



ବିଜାପୁରର ଗଙ୍ଗାଲୁର ଅଞ୍ଚଳରେ ନକ୍ସଲମାନଙ୍କ ଉପସ୍ଥିତି ଖବର ପାଇବା ପରେ ଯବାନ ସକାଳ ୭ଟାରେ ଏକ ବଡ଼ ଅପରେସନ ଆରମ୍ଭ କରିଥିଲେ। ସୁରକ୍ଷା ବାହିନୀ ବିଜାପୁରରୁ ୨୬ ଜଣ ନକ୍ସଲଙ୍କ ମୃତଦେହ ଉଦ୍ଧାର କରିଛନ୍ତି । ସେହି ସମୟରେ କାଙ୍କେରରେ ହୋଇଥିବା ଏନକାଉଣ୍ଟରରେ ଚାରି ଜଣ ନକ୍ସଲଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଏହି ଅଞ୍ଚଳରେ ନକ୍ସଲ ଓ ସୁରକ୍ଷା ବାହିନୀ ମଧ୍ୟରେ ଏନକାଉଣ୍ଟର ଏବେ ବି ଜାରି ରହିଛି। ମାଓ ନେତା ହିଡମାକୁ ଯବାନ ଖୋଜୁଥିବା ଜଣାପଡ଼ିଛି। ତେବେ ଏହି ଏନକାଉଣ୍ଟରରେ ଜଣେ ସୈନିକ ମଧ୍ୟ ସହିଦ ହୋଇଛନ୍ତି। ଏହା ବ୍ୟତୀତ ଦୁଇ ଜଣ ସୈନିକ ଆହତ ହୋଇଛନ୍ତି।

ଏନକାଉଣ୍ଟର ଉପରେ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଇ ଏକ୍ସ'ରେ ପୋଷ୍ଟ କରି କହିଛନ୍ତି, ନିଷ୍ଠୁର, ସ୍ୱେଚ୍ଛାଚାରୀ ନକ୍ସଲବାଦର ଅନ୍ତ ଯଥାର୍ଥ। ୨୦୨୬ ସୁଦ୍ଧା ବସ୍ତର ଭୟ ମୁକ୍ତ ହେବ, ଏହା ନିଶ୍ଚିତ । ରାଜ୍ୟରେ ନକ୍ସଲବାଦ ବିରୋଧରେ ଆମର ଲଢ଼େଇ ଦୃଢ଼ ଭାବରେ ଜାରି ରହିଛି। ଆଜି, ସୁରକ୍ଷା ବାହିନୀ ଏବଂ ନକ୍ସଲବାଦୀଙ୍କ ମଧ୍ୟରେ ହୋଇଥିବା ଏକ ଏନ୍‌କାଉଣ୍ଟରରେ, ବିଜାପୁର-ଗଙ୍ଗାଲୁରରେ ୧୮ ଜଣ ଏବଂ କାଙ୍କେର-ନାରାୟଣପୁରରେ ୪ ଜଣ ନକ୍ସଲ ନିହତ ହୋଇଛନ୍ତି ।

ମୁଖ୍ୟମନ୍ତ୍ରୀ ସାଇ ଆହୁରି କହିଛନ୍ତି, ଏନକାଉଣ୍ଟରରେ ଜଣେ ଡିଆରଜି ଯବାନ ସହିଦ ହେବାର ଦୁଃଖଦ ଖବର ମଧ ଅଛି । ତାଙ୍କର ବଳିଦାନ ବ୍ୟର୍ଥ ଯିବ ନାହିଁ । ମାର୍ଚ୍ଚ ୨୦୨୬ ସୁଦ୍ଧା ଦେଶ ଏବଂ ରାଜ୍ୟରେ ନକ୍ସଲବାଦ ଶେଷ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସଂକଳ୍ପକୁ ସୁଦୃଢ଼ କରି, ସୁରକ୍ଷା ବାହିନୀ ନିରନ୍ତର ସଫଳତା ହାସଲ କରି ଲକ୍ଷ୍ୟ ଆଡକୁ ଦ୍ରୁତ ଗତିରେ ବଢୁଛନ୍ତି। ଯବାନଙ୍କ ଏହି ସଫଳତା ପ୍ରଶଂସନୀୟ। ମୁଁ ତାଙ୍କର ସାହସ ଏବଂ ଅଦମ୍ୟ ସାହସକୁ ସାଲ୍ୟୁଟ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ନିର୍ଦ୍ଦିଷ୍ଟ ତିଥିରେ ମହାପ୍ରଭୁଙ୍କ ରଥଯାତ୍ରା ପାଳନ ପାଇଁ ଗଜପତିଙ୍କ ପରାମର୍ଶ

**ଭୁବନେଶ୍ୱର, ୨୦।୩**
**ନ୍ୟୁଜ୍ ବ୍ୟୁରୋ**

ଅଦିନିଆ ରଥଯାତ୍ରାକୁ ନେଇ ବିବାଦ ପ୍ରସଙ୍ଗ ଦିନକୁ ଦିନ ବଢିବାରେ ଲାଗିଥିବା ବେଳେ ଗୁରୁବାର ସନ୍ଧ୍ୟାରେ ରାଜ୍ୟ ଅତିଥି ଭବନରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ଡ. ପାଢୀ କହିଛନ୍ତି, ନିର୍ଦ୍ଦିଷ୍ଟ ତିଥି ଅନୁସାରେ ରଥଯାତ୍ରା ପାଳନ ପାଇଁ ଇସ୍କନକୁ ଅନୁରୋଧ କରିଛୁ। ଭାରତ ଭିତରେ ମହାପ୍ରଭୁଙ୍କ ରଥଯାତ୍ରା ଯେପରି ପାଳନ ହେଉଛି, ବିଦେଶରେ ବି ପାଳିବାକୁ ଅପିଲ କରିଛୁ । ସନାତନ ଧର୍ମ ଅନୁସାରେ ନୀତିକାନ୍ତିରେ ପାଳିବାକୁ ଅନୁରୋଧ କରିଛୁ। ଚଳିତ ଘୋଷଯାତ୍ରା ଓ ସ୍ନାନ ପୂର୍ଣ୍ଣିମାରେ ବିଚ୍ୟୁତି କରାନଯାଉ। ଇସ୍କନ ଅନୁରୋଧ ରକ୍ଷା କରିବ ବୋଲି ଆଶା କରୁଛୁ। ଏହି ବୈଠକରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଓ ବିଦେଶରୁ ଆସିଥିବା ଇସ୍କନ କର୍ତ୍ତୃପକ୍ଷ ମଧ୍ୟ ଉପସ୍ଥିତ ଥିଲେ । ତିଥି ଅନୁସାରେ ରଥଯାତ୍ରା ପାଳନ ପାଇଁ ଇସ୍କନକୁ ଅନୁରୋଧ କରିଛୁ ।

## ଆଦିବାସୀ ହଷ୍ଟେଲରେ ଛାତ୍ରଙ୍କୁ ଆକ୍ରମଣ

# ନିମ୍ନମାନର ଖାଦ୍ୟ ଯୋଗାଣ ନେଇ ଗୃହରେ ଉଦ୍‌ବେଗ

**ଭୁବନେଶ୍ୱର, ୨୦।୩**
**ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲାର ଗୁଣୁପୁର ଅନ୍ୱେଷା ହଷ୍ଟେଲରେ ଛାତ୍ରମାନଙ୍କୁ ଆକ୍ରମଣ ଏବଂ ମୟୁରଭଞ୍ଜ ଜିଲ୍ଲାର ବାସୀପିଠା ଠାରେ ଥିବା ଆଦିବାସୀ ଆବସିକ ହାଇସ୍କୁଲ୍‌ରେ ନିମ୍ନମାନର ଖାଦ୍ୟ ଯୋଗାଣ ଓ ନିର୍ଯାତନା ଯୋଗୁ ଶତାଧିକ ଆଦିବାସୀ ଛାତ୍ର ହଷ୍ଟେଲ ଛାଡ଼ିବା ଘଟଣା ସଂକ୍ରାନ୍ତରେ ଗୁରୁବାର ବିଧାନସଭାରେ ବିରୋଧୀ ଦଳ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଉପରେ ସରଗରମ ଆଲୋଚନା ହୋଇଥିଲା। ବିରୋଧୀ ଦଳରୁ ବିଜେଡ଼ିର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରଥମେ ଆଲୋଚନା ଆରମ୍ଭ କରି ରାଜ୍ୟର ବିଭିନ୍ନ ସଂସ୍ଥାନରେ ଆଦିବାସୀ ହଷ୍ଟେଲ ମାନଙ୍କରେ ଅବ୍ୟବସ୍ଥା ଏବଂ ଛାତ୍ରୀଙ୍କ ପ୍ରତି ଅସଦାଚରଣ ଓ ନିମ୍ନମାନର ଖାଦ୍ୟ ଯୋଗାଣ ଭଳି ଦୁର୍ଭାଗ୍ୟଜନକ ଘଟଣା ଘଟି ଚାଲିଥିବା ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ରାଜ୍ୟ ସରାକର ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଥିଲେ। ସେ କହିଥିଲେ ଅତୀତରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଗୃହରେ ବିଜେପିର ଚିଫ୍ ହୁଇପ୍ ଥିବାବେଳେ ଏବଂ ବର୍ତ୍ତମାନର ସ୍ୱାସ୍ଥ୍ୟମନ୍ତ୍ରୀ ସେତେବେଳେ ବିଧାୟକ ଥିବା ବେଳେ ରାଜ୍ୟର ଆଦିବାସୀ ହଷ୍ଟେଲ ଗୁଡ଼ିକରେ ଚାଲିଥିବା ଘଟଣା ନେଇ ଯେଉଁ ପ୍ରକାର ଅଭିଯୋଗ ଉଠାଇଥିଲେ, ସେ ସମ୍ପର୍କରେ ଶ୍ରୀ ସ୍ୱାଇଁ ତାର ସ୍ମରଣ କରାଇ ଦେବା ସହ ସରକାର ତୁରନ୍ତ ଏହି ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ (ପୃଷ୍ଠା ୭ରେ)



# ପଖାଳ ସହିତ ଓଡ଼ିଆଙ୍କର ନିବିଡ଼ ସମ୍ପର୍କ କେଉଁ ଅନାଦି କାଳରୁ ରହି ଆସିଛି

**ଭୁବନେଶ୍ୱର, ୨୦।୩**
**ନ୍ୟୁଜ୍ ବ୍ୟୁରୋ**

ପଖାଳ ଶରୀର ଓ ମନ ପାଇଁ ପ୍ରକୃତରେ ଖୁବ ଶାନ୍ତିଦାୟକ। ଆମ ଗ୍ରୀଷ୍ମ ମଣ୍ଡଳୀୟ ଜଳବାୟୁ ପାଇଁ ପଖାଳ ଖୁବ ଉପକାରୀ ତେଣୁ ଆମ ଓଡ଼ିଆ ମାନଙ୍କର ପଖାଳ ସହିତ ନିବିଡ଼ ସମ୍ପର୍କ କେଉଁ ଅନାଦି କାଳରୁ ରହି ଆସିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ଶ୍ରୀ ମାଝୀ କହିଛନ୍ତି, ପଖାଳ ହେଉଛି ଆମ ଓଡ଼ିଆମାନଙ୍କର ସବୁଠାରୁ ପ୍ରିୟ ଖାଦ୍ୟ। ପଖାଳ ଆମ ଓଡ଼ିଆ ପ୍ରାଣର ସ୍ପନ୍ଦନ ଓ ଆମ ଆତ୍ମା । ପଖାଳ ଦିବସ ଅବସରରେ ମନ୍ତ୍ରୀ ଓ ବିଧାୟକ ସମସ୍ତେ ମିଶି ଆମ ପାରମ୍ପରିକ ଖାଦ୍ୟ ପଖାଳର ଆନନ୍ଦ ନେବା ଓଡ଼ିଆତ୍ୱର ଏକ ସ୍ୱତନ୍ତ୍ର ଅନୁଭବ କରିଛି ।



ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି । ଏଥି ପାଇଁ ଗାଁରୁ ସହର ପର୍ଯ୍ୟନ୍ତ ଉତ୍ସାହ ଦେଖାଯାଇଛି । ଖାଇବାର ପର୍ବ ହୋଇଥିବାରୁ ଓଡ଼ିଆ ଲୋକେ ନିଜର ଆର୍ଥିକ ସ୍ଥିତିକୁ ଦେଖି ନିଜ ନିଜ ଶୈଳୀରେ ବ୍ୟଞ୍ଜନ ପ୍ରସ୍ତୁତ କରି ଆଜିର (ପୃଷ୍ଠା ୭ରେ)

## ଆଜିଠାରୁ ସକାଳୁଆ ସ୍କୁଲ

**ଭୁବନେଶ୍ୱର, ୨୦।୩**
**ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାରଠାରୁ ସକାଳୁଆ ସ୍କୁଲ ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି । ସକାଳ ୬ଟା ୩୦ରୁ ଆରମ୍ଭ ହେବ ସ୍କୁଲ। ୧୦ଟା ୩୦ରେ ସରିବ। ଶୁକ୍ରବାରଠାରୁ ସକାଳୁଆ ସ୍କୁଲ ହେବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଜାରି କରାଯାଛି । ଏହା ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ଲାଗୁ ହେବ ବୋଲି କୁହାଯାଇଛି।

## ବିଏଡ୍ ନାଁ ଲେଖା ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

**ଭୁବନେଶ୍ୱର, ୨୦।୩**
**ନ୍ୟୁଜ୍ ବ୍ୟୁରୋ**

ଆଗାମୀ ଶିକ୍ଷାବର୍ଷ ୨୦୨୫-୨୬ ନିମନ୍ତେ ଦୁଇ ବର୍ଷିଆ ବି.ଏଡ୍/ଏମ. ଏଡ୍/ ବି.ଏଚ.ଏଡ୍ ପାଠ୍ୟକ୍ରମରେ ନାମଲେଖା ପ୍ରକିୟା ଶୀଘ୍ର ଆରମ୍ଭ କରାଯିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ନାମଲେଖା ପ୍ରକିୟାକୁ ଶୀଘ୍ର ଆରମ୍ଭ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ଏଥିପାଇଁ ଆବେଦନକାରୀମାନଙ୍କ ପାଇଁ ଆସନ୍ତା ୨୪ ତାରିଖ ଠାରୁ ଫର୍ମ ପୂରଣ ପ୍ରକିୟା ଆରମ୍ଭ ହେବ। ବିଗତ ବର୍ଷ ଭଳି ଆଗାମୀ ଶିକ୍ଷା ବର୍ଷ ୨୦୨୫-୨୬ ପାଇଁ ମଧ୍ୟ ଦୁଇ ବର୍ଷିଆ ବି. ଏଡ୍/ଏମ. ଏଡ୍/ ବି.ଏଚ. ଏଡ୍ ପାଠ୍ୟକ୍ରମରେ ନାମଲେଖା ଏବଂ ଚୟନ ପ୍ରକିୟା ଏଥିପାଇଁ ଉଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷାର ମାର୍କ ଆଧାରରେ ହିଁ କରାଯିବ। ପ୍ରବେଶିକା ପରୀକ୍ଷା ଆସନ୍ତା ଜୁନ ମାସ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ। (ପୃଷ୍ଠା ୭ରେ)

# ଅଷ୍ଟମ ବେତନ ଆୟୋଗ : ଉପକୃତ ହେବେ ୩୬ ଲକ୍ଷ ସରକାରୀ କର୍ମଚାରୀ ଓ ପେନସନଭୋଗୀ

**ନୂଆଦିଲ୍ଲୀ, ୨୦।୩**

ଦିନକୁ ଦିନ ଅଷ୍ଟମ ବେତନ କମିଶନକୁ ନେଇ ଆଶା ବଢୁଥିବା ବେଳେ କେନ୍ଦ୍ର ସରକାରୀ କର୍ମଚାରୀମାନେ ସେମାନଙ୍କ ମୂଳ ଦରମାରେ ବୃଦ୍ଧି ଆଶା ରଖିଛନ୍ତି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜାନୁଆରୀରେ ଅଷ୍ଟମ ବେତନ କମିଶନ ଜାରି କରିବା ନେଇ ନିଶ୍ଚିତ କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେହି ମାସରେ ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗ ଗଠନକୁ ନିଶ୍ଚିତ କରିଥିଲେ।



ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ଅଷ୍ଟମ ବେତନ କମିଶନ କାର୍ଯ୍ୟକାରୀ ହେବା। ୩୬ ଲକ୍ଷରୁ ଅଧିକ କେନ୍ଦ୍ର ସରକାରଙ୍କ ବେସାମରିକ କର୍ମଚାରୀ ଏବଂ ପେନସନଭୋଗୀ କିମ୍ବା ପେନସନଭୋଗୀଙ୍କ ପରିବାର ସମେତ ପ୍ରତିରକ୍ଷା କର୍ମଚାରୀ ଏବଂ ସେମାନଙ୍କ ପେନସନଭୋଗୀଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହେବ। ସୀତାରମଣ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ବେସାମରିକ କର୍ମଚାରୀ ଏବଂ ପେନସନଭୋଗୀ/ ପରିବାର ପେନସନଭୋଗୀଙ୍କ ଆନୁମାନିକ ସଂଖ୍ୟା ଯଥାକ୍ରମେ ୩୬.୫୭ ଲକ୍ଷ (ମାର୍ଚ୍ଚ ୧, ୨୦୨୫ ସୁଦ୍ଧା) ଏବଂ ୩୩.୯୧ ଲକ୍ଷ (ଡିସେମ୍ବର ୩୧, ୨୦୨୪ ସୁଦ୍ଧା) ରହିଛି।

ଅର୍ଥମନ୍ତ୍ରୀ ନିର୍ମଳା (ପୃଷ୍ଠା ୭ରେ)

## ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଖର୍ଚ୍ଚ ଦାବି ପାରିତ

# ୨୦୨୬ ଜୁନ୍ ସୁଦ୍ଧା ଘରୋଇ ଟ୍ୟାପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ

**ଭୁବନେଶ୍ୱର, ୨୦।୩**
**ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ବିଧାନସଭାରେ ପଞ୍ଚାୟତିରାଜ ଓ ଗ୍ରାମ୍ୟଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ତାଙ୍କ ବିଭାଗର ଯଥାକ୍ରମେ ୨୯୧୯୯ କୋଟି ୨୦ ଲକ୍ଷ ୯୬ ହଜାର ଟଙ୍କା ଏବଂ ୧୦୦୧୯ କୋଟି ୬୧ ଲକ୍ଷ ୯୭ ହଜାର ଟଙ୍କାର ଖର୍ଚ୍ଚ ଦାବି ଆଗତ କରିଥିଲେ। ଏହା ଉପରେ ଆଲୋଚନା ଆରମ୍ଭ କରି ବିରୋଧୀ ଦଳରୁ ବିଜେଡ଼ି ବରିଷ୍ଠ ବିଧାୟିକା ପ୍ରମିଳା ମଲ୍ଲିକ କହିଥିଲେ ଯେ, ବିଗତ ସରକାରଙ୍କ ସମୟରେ ରାଜ୍ୟର ସମସ୍ତ ବ୍ଲକରେ ଯେଉଁ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଚାଲିଥିଲା, ତାହା ଏବେ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ଗୁଡ଼ିକର ପ୍ରାପ୍ୟ ପୈଠ କରାଯାଉ ନାହିଁ। ବ୍ଲକରେ ଏବେ ଆଉ କୌଣସି କାମ ହେଉନାହିଁ। ନୂଆ ସରକାର ଆସିଲା ପରେ ଏପରି ଯେଉଁ ଅବସ୍ଥା ସୃଷ୍ଟି ହେଉଛି ତାହାକୁ ଯଥାଶୀଘ୍ର ଦୂର କରିବା ଦିଗରେ ପଦକ୍ଷେପ ନିଆଯାଉ। ସେହିପରି ମନରେଗା ଯୋଜନାରେ ଶ୍ରମିକମାନଙ୍କ ମଜୁରୀ ବୃଦ୍ଧି କରାଯାଉ ବୋଲି ସେ ପ୍ରସ୍ତାବ ଦେବା ସହ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବାକୁ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସର୍ବଶ୍ରୀ ଅମର କୁମାର ନାୟକ, ଅଧିରାଜ ମୋହନ ପାଣିଗ୍ରାହୀ, ମାନସ କୁମାର ଦତ୍ତଙ୍କ ସମେତ ବହୁ ବିଧାୟକ ଏହି ଖର୍ଚ୍ଚ ଦାବି ଆଲୋଚନାରେ ଭାଗ ନେଇ ସରକାରଙ୍କୁ ବିଭିନ୍ନ ଉପାଦେୟ ପ୍ରସ୍ତାବ ଦେଇଥିଲେ।

ଆଲୋଚନା ଶେଷରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ନାୟକ ତାଙ୍କ ଉତ୍ତରରେ କହିଥିଲେ ରାଜ୍ୟର ଗ୍ରାମାଞ୍ଚଳରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ ୨୦୨୬ ଜୁନ୍ ମାସ ସୁଦ୍ଧା ଘରୋଇ ଟ୍ୟାପ୍ ଯୋଗେ ପର୍ଯ୍ୟାପ୍ତ ପରିମାଣର ନିରାପଦ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ସରକାରଙ୍କ ଦ୍ୱାରା ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି। ଅଦ୍ୟାବଧି ଗ୍ରାମାଞ୍ଚଳରେ ୧୬ଟି ବୃହତ୍ତ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ, ୧୭୩୮୦ ଏକକ/ ଏକାଧିକ ଗ୍ରାମବିଶିଷ୍ଟ ପାଇପ୍ ଜଳ ଯୋଗାଣ ବିଶିଷ୍ଟ, ୫୧୮୬୮୫ଟି ନଳ କୂପ/ପରିମଳ କୂପ, ୨୩୧୯୩ (ପୃଷ୍ଠା ୭ରେ)

## ଓଡ଼ିଶାରେ ଖୋଲିବ ସେଣ୍ଟର ଅଫ ଏକ୍ସିଲେନ୍ସ

**ଭୁବନେଶ୍ୱର, ୨୦।୩**
**ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେନ୍ଦ୍ର ଦକ୍ଷତା ବିକାଶ ଓ ଔଦ୍ୟୋଗିକତା ତଥା ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଜୟନ୍ତ ଚୌଧରୀ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟରେ ବିଭିନ୍ନ କେନ୍ଦ୍ରୀୟ ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋଚନା କରିଛନ୍ତି।

ବୈଠକରେ ଓଡ଼ିଶାରେ ଅଧିକ ଦକ୍ଷତା ବିକାଶ କେନ୍ଦ୍ର ଖୋଲିବା ସମ୍ପର୍କରେ ଆଲୋଚନା ହୋଇଥିଲା। କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ, ଚଳିତ ବର୍ଷ ବଜେଟରେ ଦକ୍ଷତା ବିକାଶ କ୍ଷେତ୍ରରେ ୫ଟି ସେଣ୍ଟର ଅଫ ଏକ୍ସିଲେନ୍ସର ପ୍ରାବଧାନ ରଖାଯାଇଛି। ସେଥିରୁ ଗୋଟିଏ ଓଡ଼ିଶାରେ ଖୋଲାଯିବ ବୋଲି ସେ ସୂଚନା ଦେଇଥିଲେ। (ପୃଷ୍ଠା ୭ରେ)

## ଏକାଳ ପଖାଳ



ଟାଇଲି କଙ୍କ୍ରିଟ୍ ପିଚୁରେ ଢାଙ୍କିକି
ଦେଲ ଚିପି ମାଟି ତଣ୍ଟି
ଗଛ ଗୁଡାକ ବଉଁଶ ବୁଡିବା
ବାଜୁଛି ଡେଙ୍ଗାର ଘଣ୍ଟି
ବିଲ ଆଁ...କରେ ଫାଟି
ନଈ ପୋଖରୀ କୂଅ ଶୁଖିଲାଣି
ପ୍ରାଣ ପାଣି ପାଇଁ ଛାଟିପିଟି ।

# ସ୍କ୍ୱାଡରେ ସାମିଲ ହେବା ଲାଗି ଭାରତକୁ ମିଳିଲା ଆମନ୍ତ୍ରଣ



**ନୂଆଦିଲ୍ଲୀ, ୨୦।୩**

ଇଣ୍ଡୋ-ପେସିଫିକ କ୍ଷେତ୍ରରେ ଚୀନର ବଢୁଥିବା ଆକ୍ରମଣାତ୍ମକ ଆଭିମୁଖ୍ୟର ମୁକାବିଲା ନିମନ୍ତେ ଫିଲିପାଇନ୍ସରେ ଗଢିଉଠୁଥିବା ପ୍ରତିରକ୍ଷା ମେଣ୍ଟ ସ୍କ୍ୱାଡରେ ସାମିଲ ହେବା ଲାଗି ଭାରତକୁ ନିମନ୍ତ୍ରଣ କରିଛି। ବର୍ତ୍ତମାନ ଏହି ମେଣ୍ଟରେ ଆମେରିକା, ଅଷ୍ଟ୍ରେଲିଆ, ଜାପାନ ଓ ଫିଲିପାଇନ୍ସ ଅଛନ୍ତି। ଏଥିରେ ଯଦି ଭାରତ ଯୋଗ ଦିଏ ତେବେ ମେଣ୍ଟରେ ପଞ୍ଚମ ରାଷ୍ଟ୍ର ହେବ। ଭାରତକୁ ମେଣ୍ଟରେ ଯୋଗ ଦେବା ଲାଗି ପ୍ରସ୍ତାବ ସେହି ସମୟରେ ମିଳିଛି, ଯେତେବେଳେ ଦକ୍ଷିଣ-ଚୀନ ସାଗରରେ ଫିଲିପାଇନ୍ସ ଓ ଚୀନ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଛି।

ଫିଲିପାଇନ୍ସ ସଶସ୍ତ୍ର ବଳ ମୁଖ୍ୟ ଜେନେରାଲ ରୋମିଓ ଏସ୍. ବ୍ରାଉନର ନୂଆଦିଲ୍ଲୀରେ ଅନୁଷ୍ଠିତ ରାୟସୀନା ଡାୟଲଗ କାଳରେ ଏହି ପ୍ରସ୍ତାବ ଦେଇଛନ୍ତି । ରିପୋର୍ଟ ଅନୁସାରେ ବ୍ରାଉନର କହିଛନ୍ତି ଯେ ଆମେ ଜାପାନ ଓ ଆମ ସହଯୋଗୀଙ୍କ ସହ ମିଶି ସ୍କ୍ୱାଡର ସମ୍ପ୍ରସାରଣ କରିବାକୁ ଚାହୁଁଛୁ। ଯେଉଁଥିରେ ଭାରତ ଓ ସମ୍ଭବତଃ ଦକ୍ଷିଣ କୋରିଆକୁ ସାମିଲ କରାଯାଇ ପାରେ। ବ୍ରାଉନର ଭାରତ ସହିତ ପାରସ୍ପରିକ ହିତର ଉଲ୍ଲେଖ କରି କହିଛନ୍ତି ଯେ ଦୁଇ ଦେଶଙ୍କ ଶତ୍ରୁ ଏକ। ତାଙ୍କ କହିବାର ଉଦ୍ଦେଶ୍ୟ ଚୀନ ରହିଛି । (ପୃଷ୍ଠା ୭ରେ)

# ଅପ୍ରେଲ ୧ରୁ ଭୁବନେଶ୍ୱରରୁ ଗୋଆକୁ ଉଡ଼ିବ ବିମାନ



**ଭୁବନେଶ୍ୱର, ୨୦।୩**
**ନ୍ୟୁଜ୍ ବ୍ୟୁରୋ**

ବିମାନ ସେବା କ୍ଷେତ୍ରରେ ଓଡ଼ିଶା ଇତିହାସରେ ଆଉ ଏକ ଫର୍ଦ୍ଦ ଯୋଡ଼ି ହେବାକୁ ଯାଉଛି । ଆସନ୍ତା ଅପ୍ରେଲ ୧ ତାରିଖ ଉତ୍କଳ ଦିବସ ଅବସରରେ ଓଡ଼ିଶାରୁ ଗୋଆକୁ ସିଧାସଳଖ ବିମାନ ସେବା ଉପଲବ୍ଧ ହେବାକୁ ଯାଉଛି । ଭୁବନେଶ୍ୱରରୁ ଗୋଆକୁ ବିମାନ ସଂଯୋଗୀକରଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଶଂସା କରିଛନ୍ତି ।

ରାଜ୍ୟ ସରକାରଙ୍କ ନ୍ୟୁ ଡେଷ୍ଟିନେସନ ପଲିସି ଅନୁଯାୟୀ ଭୁବନେଶ୍ୱରରୁ ଗୋଆକୁ ବିମାନ ଚଳାଚଳ କରିବ। (ପୃଷ୍ଠା ୭ରେ)





# ଏମ୍‌କେସିଜିରେ ଲିଫ୍ଟ ରକ୍ଷଣାବେକ୍ଷଣ ପାଇଁ ବର୍ଷକୁ ଖର୍ଚ୍ଚ ହେଉଛି ୧କୋଟି : ଅଧାବର୍ଷ ଅଚଳ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଏମ୍‌କେସିଜିରେ ଲିଫ୍ଟ ମରାମତି ଓ ରକ୍ଷଣାବେକ୍ଷଣ ବାବଦରେ ବର୍ଷକୁ ଖର୍ଚ୍ଚ ହେଉଛି କୋଟିଏ ଟଙ୍କା। ହେଲେ ବର୍ଷରେ ଅଧା ଦିନ ଲିଫ୍ଟ ଅଚଳ। କେତେବେଳେ କାଜୁଆଲ୍‌ଟିରେ ତ ଆଉ କେତେବେଳେ ଆଇସିୟୁ କୋଠାରେ ଲିଫ୍ଟ, ଅଚଳ ହେଉଥିବା ଅଭିଯୋଗ ହେଉଛି। ଏମ୍‌କେସିଜିରେ ୩୦ରୁ ଅଧିକ ବିଭାଗରେ ମୋଟ ୩୨ଟି ଲିଫ୍ଟ ରହିଛି । ଏହାର ପରିଚାଳନା ପାଇଁ ୩୬ ଜଣ ଅପରେଟର ନିଯୁକ୍ତି ହୋଇଛନ୍ତି । କର୍ମଚାରୀ ଦରମା ଓ ଲିଫ୍ଟ ମରାମତି ପାଇଁ ବାର୍ଷିକ କୋଟିଏ ଟଙ୍କା ଖର୍ଚ୍ଚ ହେଉଛି । ଏଥିପାଇଁ ଏକ ଠିକା ସଂସ୍ଥା ମଧ୍ୟ ନିୟୋଜିତ କରାଯାଇଛି । ହେଲେ ଠିକା ସଂସ୍ଥାର କାମ ତଦାରଖ ହେଉନଥିବା ଅଭିଯୋଗ ହେଉଛି । ବର୍ଷରେ ଅଧାଦିନ ଲିଫ୍ଟ ଅଚଳ ହେବା ଦ୍ୱାରା ରୋଗୀ, ସେମାନଙ୍କ ସମ୍ପର୍କୀୟ ଏବଂ କର୍ମଚାରୀମାନେ ହଇରାଣ ହେଉଛନ୍ତି । ଆଇସିୟୁ କୋଠାରେ ଦୁଇଟି ଲିଫ୍ଟରୁ ଗୋଟିଏ ହିଁ ଚାଲୁଛି । ଏକା ସମୟରେ ଦୁଇ ଜଣ ଗୁରୁତର ରୋଗୀ ଆସିଲେ, ଜଣେ ଅପେକ୍ଷା କରୁଛନ୍ତି ଏବଂ ଜଣେ ଲିଫ୍ଟରେ ଉପରକୁ ଯାଉଛନ୍ତି । କାଜୁଆଲ୍‌ଟିରେ ମଧ୍ୟ ସମାନ ଅବସ୍ଥା । ଗୋଟିଏ ଚାଲିଲେ, ଆଉ ଗୋଟିଏ ଲିଫ୍ଟ ଅଚଳ ହୋଇ ରହୁଛି । ଆଜି ବି ଗୋଟିଏ ହିଁ ଲିଫ୍ଟ ଚାଲିଥିଲା । ପ୍ରସୂତୀ ଓ ସ୍ତ୍ରୀ ରୋଗ ବିଭାଗ ପ୍ରଥମ ମହଲାରେ ଲେବର ରୁମ୍ ଥିବା ବେଳେ ଦ୍ୱିତୀୟ ମହଲରେ ଅସ୍ତ୍ରୋପଚାର ଗୃହ, ତୃତୀୟ ଓ ଚତୁର୍ଥ ମହଲାରେ ରୋଗୀ ରହୁଛନ୍ତି । ଏଠାରେ ଦୁଇଟି ଲିଫ୍ଟ ଥିବା ବେଳେ ଦୁଇ ମାସ ହେଲା ଗୋଟିଏ ଅଚଳ ଅଛି। ସେହିପରି ସୁପର ସ୍ପେଶାଲିଟି କୋଠାରେ ମଧ୍ୟ ୪ଟି ଲିଫ୍ଟ ମଧ୍ୟରୁ ଗୋଟିଏ ମାସେ ହେଲା ଅଚଳ। ଅପରେଟରମାନେ ଅଧିକାଂଶ ସମୟରେ ଅନୁପସ୍ଥିତ ରହୁଥିବା ଅଭିଯୋ ହୋଇଛି। ଜଣେ ରୋଗୀ ସମ୍ପର୍କୀୟ କହିଛନ୍ତି ଲିଫ୍ଟମାନଙ୍କରେ ସହାୟତା ପାଇଁ କିଛି ନମ୍ବର ଦିଆ ଯାଇଛି। କେତେବେଳେ ଅପରେଟର ରହୁଛନ୍ତି ତ ଆଉ କେତେବେଳେ ରହୁ ନାହାନ୍ତି। ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍ ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡାଙ୍କୁ ଏହି ଅଭିଯୋଗ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି ଲିଫ୍ଟ ଅଚଳ ଅଭିଯୋଗ ଆସିବା ପରେ ଠିକା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇ ଥିଲା। ଏବେ ସବୁ ଲିଫ୍ଟ ଚାଲିଛି ଯଦି ଲିଫ୍ଟ ଅଚଳ ଅଛି ତାହା ହେଲେ ଠିକା ସଂସ୍ଥାକୁ ନୋଟିସ୍ କରାଯିବ ବୋଲି କହିଛନ୍ତି।

# ଭଦ୍ରକରେ ମିଳିତ ଜନଶୁଣାଣି : ୫୮ ଅଭିଯୋଗ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**



ଚଳିତ ମାସର ୩ୟ ସୋମବାର ଦିନ ଭଦ୍ରକ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ, ଭଦ୍ରକ ଏସ୍.ପି. ମାଡ଼କର ସନ୍ଦୀପ ସମ୍ପତ ଏହି ଶିବିରରେ ଯୋଗ ଦେଇ ସମୁଦାୟ ୫୮ଟି ଅଭିଯୋଗ ଶୁଣିଥିଲେ । ସେଥି ମଧ୍ୟରେ ୪୮ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଥିଲା। ୧୮ଟି ଅଭିଯୋଗର ତତ୍‌କାଳ ସମାଧାନ କରାଯାଇଥିଲା । ଭଦ୍ରକ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍.ପି. ବାସୁଦେବ ସାହୁ, ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଡାକ୍ତର ସୁଧୀର ରଞ୍ଜନ ନାୟକ, ଭଦ୍ରକ ବି.ଡି.ଓ. ରଶ୍ମି ରଞ୍ଜନ ମଲ୍ଲିକ, ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଜିଲ୍ଲାସ୍ତରୀୟ ଓ ଉକ୍ତ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ସମାଧାନ ପାଇଁ ଜିଲ୍ଲାପାଳଙ୍କ ଆବଶ୍ୟକ ମତେ ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଯୋଜନା ଆନୁକୂଲ୍ୟରେ ୩ଜଣ ଦିବ୍ୟାଙ୍ଗଙ୍କୁ ଜିଲ୍ଲାପାଳ ତିନି ଚକିଆ ସାଇକେଲ ବିତରଣ କରିଥିଲେ ।

## ଅଧପନ୍ତରିଆ ଅଙ୍ଗନୱାଡ଼ି ଗୃହକୁ ନେଇ ତେଜୁଛି ଅସନ୍ତୋଷ

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ସରକାରୀ ଅନୁଦାନର ଦୀର୍ଘ ଛଅ ବର୍ଷ ବିତି ଯାଇଥିଲେ ମଧ୍ୟ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି ଅଙ୍ଗନୱାଡି ଗୃହ। ଫଳରେ ମେଟାଲିଂ କଂକ୍ରିଟ ଉପରେ ସପ ପକାଇ ବସି ପାଠ ପଢୁଛନ୍ତି କୋମଳମତି ଶିଶୁ। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ଝୁମ୍ପୁରା ବ୍ଲକ ନହବେଡ଼ା ପଞ୍ଚାୟତର କାଞ୍ଜିପାଣି ଅଙ୍ଗନୱାଡ଼ି କେନ୍ଦ୍ରରେ। ଶିଶୁ ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ଉପରେ ଯୋଜନା କରୁଥିବା ବେଳେ ପ୍ରକୃତ ପକ୍ଷେ ଏହି ଯୋଜନାର ଏକ ବିକଳ ଚିତ୍ର ଏହି ଅଙ୍ଗନୱାଡ଼ିକୁ ଦେଖିଲେ ସ୍ପଷ୍ଟ ବାରି ହୋଇପଡୁଛି। କୋମଳମୋତି ଶିଶୁଙ୍କୁ ଉପଯୁକ୍ତ ପରିବେଶରେ ଖାଦ୍ୟ, ସ୍ୱାସ୍ଥ୍ୟ ସହ ପ୍ରାକ୍ ଶିକ୍ଷା ପ୍ରଦାନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଅଙ୍ଗନୱାଡ଼ି। କିନ୍ତୁ ଏଠି ବର୍ଷ ବର୍ଷ ଧରି ଅଧାପନ୍ତରିଆ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିକ୍ଷାଦାନ ଚାଲୁଥିବା ବେଳେ ସ୍ଥାନୀୟ ପ୍ରଶାସନ ମହିଳା ଓ ଶିଶୁମାନଙ୍କୁ ଜାଣି ଜାଣି ଅଣଦେଖା କରୁଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, କାଞ୍ଜିପାଣି ଅଙ୍ଗନୱାଡ଼ି କେନ୍ଦ୍ରର ଏକ ନୂତନ ଗୃହ ନିର୍ମାଣ ପାଇଁ ପୂର୍ବତନ ସରକାର ୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ମାତ୍ର ଏହା ଭିତରେ ଦୀର୍ଘ ୬ ବର୍ଷ ବିତି ଯାଇଥିଲେ ମଧ୍ୟ ଗୃହ ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନ ପାରି ଅଧପନ୍ତରିଆ ଭାବେ ପଡ଼ିରହିଛି। ସେହି ଅଧପନ୍ତରିଆ ଗୃହର ମେଟାଲ କଂକ୍ରିଟ ଉପରେ କୋମଳମତି ଶିଶୁମାନେ ସପ ପକାଇ ବସି ପାଠ ପଢୁଥିବା ଦେଖିବାକୁ ମିଳୁଛି। ଗୃହର କବାଟ, ଝରକା ସହିତ ଅଙ୍ଗନୱାଡ଼ି ପାଇଖାନା କାର୍ଯ୍ୟ ମଧ୍ୟ ସରି ନ ଥିବାରୁ କୁନିକୁନି ପିଲାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ବର୍ଷ ବର୍ଷ ଧରି ଗୃହ ନିର୍ମାଣ କାର୍ଯ୍ୟ ସରୁ ନ ଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ଗୁରୁତ୍ୱ ଦିଆ ଯାଉ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କୋଶଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ପିଏମ୍ ଶ୍ରୀ ସ୍ୱଚ୍ଛତା ପକ୍ଷ ପାଳିତ



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ସଦର ସୋନପୁର ବ୍ଲକ୍ ସ୍ଥିତ ପିଏମ୍ ଶ୍ରୀ କୋଶଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବାବୁଲାଲ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସମାଜ ସେବୀ ତଥା ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି କରମ୍ ଚାନ୍ଦ ମହାନ୍ତି ମୁଖ୍ୟ ଅତିଥି, ଐତିହାସିକ ତଥା ଗବେଷକ ସୁଦାମ୍ ନାଏକ୍ ମୁଖ୍ୟ ବକ୍ତା, ନାଏବ ସରପଞ୍ଚ ଗୀତାଞ୍ଜଳି ପଲିଆ, ପରିଚାଳନା କମିଟିର ସଭାପତି ଈଶ୍ୱରଚନ୍ଦ୍ର ପଲିଆ, ସଭ୍ୟ ଗିରିଶ ଚନ୍ଦ୍ର ଭରାସାଗର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଚକାନୟନ ମେହେରଙ୍କ ସଂଯୋଜନାରେ ହୋଇଥିବା ବିଭିନ୍ନ କାର୍ଯକ୍ରମରେ ସଭ୍ୟ ମନୋଜ ପଲିଆ, ଅର୍ଜୁନ କୁଶଲ୍, ଶିକ୍ଷୟିତ୍ରୀ ନନ୍ଦିନୀ ମହାନା, ଜୟନାରାୟଣ ମିଶ୍ର, ଏକାଦଶ ବର୍ଗେଇ, ସ୍ନେହଲତା ଖେତି, ସଞ୍ଜୟ ପଧାନ, ମାନସ ରଞ୍ଜନ ଭୋଇ, ସଂଯୁକ୍ତା ଦାସ୍, ପୁଷ୍ପାଞ୍ଜଳି ନାୟକ୍,ମାନସୀ ରାଣୀ, ନୀବେଦିତା ମିଶ୍ର, ନୀହାରିକା ମିଶ୍ର, ନର୍ମଦା ପାତ୍ର, ସଂଯୁକ୍ତା ଗାଇଗୋରିଆ ଏବଂ ଆଦିତ୍ୟ କିଶୋର ପାଢ଼ୀ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କ୍ରୀଡ଼ା ଶିକ୍ଷକ ଚୌଧୁରୀ ବିଭାର ଧନ୍ୟବାଦ୍ ଅର୍ପଣ କରିଥିଲେ। ବାଳ ମୁକୁନ୍ଦ ସେଠୀ, ଚମାର୍ ବାଘ, ୱାର୍ଡମେମ୍ବର ତଥା ଜନ ପ୍ରତିନିଧି ଏଥିରେ ସହଯୋଗ କରିଥିଲେ। ନିକଟସ୍ଥ ଗ୍ରାମକୁ ଯାଇ ଏକ ସ୍ୱଚ୍ଛତା ସଚେତନତା ରାଲି ମଧ୍ୟ ଆୟୋଜନ କରାଯାଇଥିଲା। ଏହି ଅବସରରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇ ଥିଲା। ସଚେତନତା ସୃଷ୍ଟି ପାଇଁ କମିଟି ସଭ୍ୟ/ସଭ୍ୟା, ଲୋକପ୍ରତିନିଧି ଏବଂ ଛାତ୍ରଛାତ୍ରୀଙ୍କୁ ପରିଷ୍କାର ଭାବେ ହାତ ଧୋଇବା, ରାସ୍ତାଘାଟରେ ମଳ ତ୍ୟାଗ ନ କରି ପାଇଖାନା ବ୍ୟବହାର କରିବା ତଥା ରାସ୍ତା ଘାଟ ଓ ଗାଁ ପରିବେଶକୁ ସ୍ୱଚ୍ଛ ନିର୍ମଳ ରଖିବାକୁ ନିବେଦନ କରାଗଲା।

## ଜିଲ୍ଲା ପୋଲିସ ପକ୍ଷରୁ ୧୨୬ ୟୁନିଟ୍ ରକ୍ତ ସଂଗୃହିତ

**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଆରକ୍ଷୀ ଅଧିକ୍ଷକ ହରିଶ ବିସିଙ୍କ ନିର୍ଦ୍ଦେଶରେ ଜିଲ୍ଲା ପୋଲିସ୍ ପକ୍ଷରୁ ଫୁଲବାଣୀ ଆଦର୍ଶ ଥାନାରେ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କନ୍ଧମାଳ ଏସ୍‌ପି ହରିଶ୍ ବିସି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ତାଙ୍କ ସହିତ ଡିଏସ୍‌ପି ମାନସ ରଞ୍ଜନ ବାରିକ୍, ଏସଡିପିଓ ଶୁଭ୍ରଜିତ୍ ବିଶ୍ୱାଳ, ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧାପିକା ଡ. ଅଭିସ୍ପା ବଳ, ଆଦର୍ଶ ଥାନା ଅଧିକାରୀ ସ୍ୱରୁପ କିଶାନ୍, ରିଜର୍ଭ ଇନ୍ସପେକ୍ଟର ବିରସିଂ ଶବର, ଫୁଲବାଣୀ ରକ୍ତଭଣ୍ଡାର ଅଧିକାରୀ ଡ. ଜୟଦୀପ ଘୋଷ ଏବଂ ଫୁଲବାଣୀ ରକ୍ତଦାନ ସମିତି ସହସମ୍ପାଦକ ତଥା ବରିଷ୍ଠ ରକ୍ତଦାତା ପ୍ରଶାନ୍ତ କୁମାର ବେହେରା, ଟିମ ହ୍ୟୁମାନିଟି ର ଆବାହକ ଭି. ଲୋକନାଥ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ। ରକ୍ତ ସଂଗ୍ରହ କାର୍ଯ୍ୟ ରକ୍ତ ଭଣ୍ଡାରର ଦିନକୃଷ୍ଣ ମହନ୍ତ, ଅର୍ଚ୍ଚନା ପ୍ରଧାନ, ସାକେତରାନି ନାୟକ, ପ୍ରଶାନ୍ତ କୁମାର ରନ୍ଧାଲୁ ଏବଂ ବରୁଣ ବେହେରା ପ୍ରମୁଖ ସମ୍ପାଦନ କରିଥିଲେ। ଏହି ଅବସରରେ ଫୁଲବଣୀ ଆଇଟିଆଇ, ପଲିଟେକନିକ୍ କଲେଜ, ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନସିସି, ରେଡକ୍ରସ୍, ବି.ଇ.ଡି. କଲେଜ, ଏସ.ଓ.ଜି. ଜବାନ, ପୋଲିସ ବାହିନୀ ଏବଂ ହୋମଗାର୍ଡର କର୍ମଚାରୀ ମାନେ ବହୁ ସଂଖ୍ୟାରେ ଆସି ରକ୍ତଦାନ କରିଥିଲେ। ଶିବିରରେ ଫୁଲବାଣୀ ଟିମ ହ୍ୟୁମାନିଟି ଏବଂ ଫୁଲବାଣୀ ମିତ୍ରା ଫାଉଣ୍ଡେସନ, ଫୁଲବାଣୀ ପୌରପରିଷଦର ୱାର୍ଡ ମେମ୍ବରମାନେ ରକ୍ତଦାନ କରିବା ସହ ଶିବିର ଆୟୋଜନରେ ସମ୍ପୂର୍ଣ୍ଣ ଭାବେ ସହାୟତା କରିଥିଲେ। ଏଥିରେ ଫୁଲବାଣୀ ଆଦର୍ଶ ଥାନାର ଏସଆଇ ସରୋଜ କୁମାର ସାହୁ, ମନୋରଞ୍ଜନ ଭୋଇ ଏବଂ ଅନ୍ୟ କର୍ମଚାରୀମାନଙ୍କ ସହଯୋଗରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସମୁଦାୟ ୧୨୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

## ବିନିକାରେ ଯୁଗ୍ମ ଅଭିଯୋଗ ଶୁଣାଣି : ୬୮ ମାମଲା ପଞ୍ଜିକୃତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ୍ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅନ୍ୟା ଦାସ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୬୮ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୫୨ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୬ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି। ଦରଖାସ୍ତଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ ମଣ୍ଟୁ ଖମାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୋନପୁର ସୌମ୍ୟାରୁପା ରଥ, ବିନିକା ପଞ୍ଚାୟତ ସମିତି ଅଧକ୍ଷା ଦିପ୍ତିରେଖା ନନ୍ଦ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

## ତିହିଡ଼ିରେ ସାଇକେଲ ଅନ୍ ୨୦୨୫ର ସଚେତନତା ବାର୍ତ୍ତା

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକରେ ସାଇକେଲ ଅନ୍ ୨୦୨୫ ଟିମ୍ ପହଞ୍ଚି ସଚେତନତା ବାର୍ତ୍ତା ଦେଇଛି। କଟକ ଏନସିସି ଗ୍ରୁପ୍ ଓ ଓଡ଼ିଶା ଯୁବ ପ୍ରଶିକ୍ଷଣ ଟ୍ରଷ୍ଟ, ମିନିଷ୍ଟ୍ରି ଅଫ୍ ଟ୍ରାନ୍ସପୋର୍ଟ ଏଣ୍ଡ କମର୍ସଙ୍କ ତତ୍ତ୍ୱାବଧାନରେ ଏକ ସାଇକେଲ ଭ୍ରମଣକାରୀ ଦଳ ଓଡ଼ିଶାର ବିଭିନ୍ନ ଜିଲ୍ଲା ପରିଭ୍ରମଣ କରି ସଚେତନତା ବାର୍ତ୍ତା ପ୍ରଚାର କରୁଛନ୍ତି। ମାର୍ଚ୍ଚ ୧୨ ତାରିଖରୁ ପୁରୀରୁ ସାଇକେଲ ଯାତ୍ରା ଆରମ୍ଭ କରି ଏ ପର୍ଯ୍ୟନ୍ତ ଜଗତସିଂପୁର, କେନ୍ଦ୍ରପଡ଼ା, ପଟାମୁଣ୍ଡାଇ, ଚାନ୍ଦବାଲି ଦେଇ ତିହିଡ଼ି ହାଇସ୍କୁଲରେ ପହଞ୍ଚିଥିଲେ। ପରେ ତିହିଡ଼ି ବଜାରରେ ନାରୀସଶକ୍ତୀକରଣ, ନିଶାନିବାରଣ, ସଡ଼କ ସୁରକ୍ଷା, ପରିବେଶ ସୁରକ୍ଷା, ସାଇବର ସୁରକ୍ଷା, ସ୍ୱଚ୍ଛତା ଅଭିଯାନ ଇତ୍ୟାଦି ଉପରେ ସଚେତନ କରାଇଥିଲେ। କମାଣ୍ଡିଂ ଅଫିସର ମେଜର ଆଶୁତୋଷ ତ୍ରିପାଠୀଙ୍କ ନେତୃତ୍ୱରେ ୨୦ଜଣ ସାଇକେଲ ଯାତ୍ରୀ ଏହି ସଚେତନତା କରାଯାଇଥିଲା।

# ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**



ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଗୋଡ଼ାଳ ପଞ୍ଚାୟତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଖରିଆର ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବିଡ଼ିଓ କର୍ମୀ ଓରାମ, ତହସିଲଦାର ଉପାଞ୍ଜଳୀ ମାଝୀ, ସ୍ଥାନୀୟ ସରପଞ୍ଚ ମୀନା ଜଗତ, ସମିତି ସଭ୍ୟ ପଙ୍କଜିନି ବାଗ, ସିଂହଝର ସରପଞ୍ଚ କଅଁର ବାଗ ପ୍ରମୁଖ ଅତିଥି ହିସାବରେ ଯୋଗଦେଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା, ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ ପୁଷ୍ପ ରଞ୍ଜନ ସାହୁ, ଲିଡ୍ ବ୍ୟାଙ୍କ୍ ମ୍ୟାନେଜର ସୀତାରାମ ମେହେର, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦା, ଜିଲ୍ଲା ଶିଳ୍ପକେନ୍ଦ୍ର ପରିଚାଳକ ସମୀର ମୁଦୁଲି, ବ୍ଲକ୍ ପ୍ରାଣୀ ସମ୍ପଦ ଅଧିକାରୀ କୃଷ୍ଣ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ଶ୍ରମିକ କୃଷକ ତଥା ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। ପାଲାଗୁରୁ ଭଗବାନ ସୁନାନୀ ଓ ସାଥୀ ଦାଦନ ସଚେତନତା ଏବଂ ପରିବେଶ ସୁରକ୍ଷା ଉପରେ ପାଲା ପରିବେଷଣ କରିଥିଲେ। ସମସ୍ତଙ୍କୁ ସମ୍ବୋଧନ କରି ଜିଲ୍ଲାପାଳ ଗୋଡ଼ାଳ ପଞ୍ଚାୟତକୁ ପ୍ରବାସୀ ଶ୍ରମିକ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଠକ ବେଆଇନ୍ ଶ୍ରମିକ ଦଲାଲମାନଙ୍କ ବିରୁଦ୍ଧରେ ଦୃଢ଼ କର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାଇ ଦେଇଥିଲେ। ଏହି ପଞ୍ଚାୟତର ୨ ଗୋଟି ପରିବାର ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୩୦୦ ଦିନରୁ ଅଧିକ ଶ୍ରମ ଦାନ କରି ଲକ୍ଷପତି ହୋଇଥିବାରୁ କୀର୍ତ୍ତନ ଧାକଡ ଏବଂ ଗୋରେଖ ମାଝୀଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଉପଢୌକନ, ପୁଷ୍ପଗୁଚ୍ଛ ଓ କୋଡ଼ି କୋଦାଳ, ଗାମଲା ଦେଇ କରତାଳି ମଧ୍ୟରେ ସମ୍ବର୍ଦ୍ଧିତ କରଯାଇଥିଲା। ଶେଷରେ ସ୍ଥାନୀୟ ସରପଞ୍ଚ ମୀନା ଜଗତ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ଏବଂ ଶହ ଶହ ସଂଖ୍ୟାରେ ମହିଳା ତଥା ଜନ ସାଧାରଣ ଯୋଗ ଦେଇଥିଲେ। ପୂର୍ବରୁ ଝିଅ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଗୋଡ଼ାଳ ଗାଁର ନବଜାତକ ଶିଶୁ କନ୍ୟା କିର୍ତ୍ତୀ, ପିତାମାତା ମୁକେଶ ପଟେଲ୍ ଓ ପୁଷ୍ପା ପଟେଲ୍ ଘରକୁ ଜିଲ୍ଲାପାଳ ଅନ୍ୟାନ୍ୟ ଅଧିକାରୀମାନଙ୍କ ସହିତ ଯାଇ ନବ ଜାତକକୁ କୋଳରେ ଧରି ତା'ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କନ୍ୟାର ବାପା ମା'ଙ୍କୁ ଉପହାର ପ୍ରଦାନ କରି ସେମାନଙ୍କ ଦ୍ୱାରା ନୂତନ ବୃକ୍ଷ ରୋପଣ କରାଇଥିଲେ। ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଦୁଇ ଜଣ ଗର୍ଭବତୀ ମହିଳାଙ୍କୁ ଏହି ସମାରୋହରେ ଫଳମୂଳ, ପନିପରିବା, ପୁଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଭେଟି ଦେଇଥିଲେ। ଏହି ନିଆରା କାର୍ଯ୍ୟକ୍ରମ ପାଇଁ ଗୋଡ଼ାଳ ଗାଁ ଆନନ୍ଦ ମୁଖର ହୋଇ ଉଠିଥିଲା। ଏହାକୁ ସିନାପାଲି ବିଡ଼ିଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, ପ୍ରୋଗ୍ରମ୍ ଅଫିସର୍ ନମିତା ପାଢ଼ୀ, ସିନାପାଲି ସିଡିପିଓ ପ୍ରମୁଖ ଅୟୋଜନ କରିଥିଲେ।

# କଟକ ଜିଲ୍ଲା ଓଷ୍ଟାର ୧୫ତମ ସାମ୍ବିଧାନିକ ସମ୍ମିଳନୀ

**କଟକ, ନ୍ୟୁଜ୍‌ବ୍ୟୁରୋ**

ସଂସ୍କୃତି ସମ୍ପନ୍ନ କଟକ ମହାନଗର ସ୍ଥିତ ନୟାସଡ଼କ ଠାରେ ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ(ଓଷ୍ଟା), କଟକ ଜିଲ୍ଲାର ୧୫ ତମ ସାମ୍ବିଧାନିକ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ କଟକ ଜିଲ୍ଲା ଓଷ୍ଟାର କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଶେଷ ହୋଇଛି ବୋଲି କଟକ ଜିଲ୍ଲା ସମ୍ପାଦକ ବିଜୟ କୁମାର ଛତ୍ର ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି। ସୂଚନାଥାଉକି, ଓଷ୍ଟାର ଗଣତାନ୍ତ୍ରିକ ପରିଚାଳନାର ଅନ୍ୟ ଏକ ଦିଗ ହେଉଛି ଏହାର ସାମ୍ବିଧାନିକ ସମ୍ମିଳନୀ। ପ୍ରତି ତିନି ବର୍ଷରେ ଥରେ ବ୍ଲକ୍ ଠାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଏହି ପ୍ରକ୍ରିୟାରେ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥାନ୍ତି। ଚଳିତ ବର୍ଷ କଟକ ଜିଲ୍ଲାର ସାମ୍ବଧାନିକ କାର୍ଯ୍ୟକାଳ ଶେଷ ହେବା ପରେ ଏହି ଜିଲ୍ଲାର ନୂତନ କର୍ମକର୍ତ୍ତା ନିର୍ବାଚନ ନିମନ୍ତେ ପ୍ରସ୍ତୁତି ପ୍ରକ୍ରିୟା ଜାରି ରହିଥିଲା। ତା ୧୬.୦୩.୨୦୨୫ରିଖ ରବିବାର ଦିନ ଜିଲ୍ଲା ତଥା ଓଷ୍ଟା ରାଜ୍ୟ କାର୍ଯ୍ୟାଳୟ, ନୟାସଡ଼କ, କଟକଠାରେ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଶେଷ ହୋଇଛି। ଜିଲ୍ଲାର ୧୫ଟି ବ୍ଲକ୍‌ରୁ ମୋଟ୍ ୪୧୭ ଜଣ ଭୋଟର ପ୍ରତିନିଧିଙ୍କ ମଧ୍ୟରୁ ୩୨୭ ଜଣ ନିଜ ନିଜର ମତଦାନ କରିଥିଲେ। ଜିଲ୍ଲା ପକ୍ଷରୁ ସଭାପତି, କାର୍ଯ୍ୟକାରୀ ସଭାପତି, ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ, କାର୍ଯ୍ୟକାରୀ କମିଟି ସଭ୍ୟ ଏହିପରି ମୋଟ୍ ୧୩ଟି ପଦବୀ ନିମନ୍ତେ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିରେ କଟକ ଜିଲ୍ଲାର ସଭାପତି ଭାବେ ତ୍ରିଲୋଚନ ଜେନା, ସମ୍ପାଦକ ଭାବେ ବିଜୟ କୁମାର ଛତ୍ର ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ କଳିଙ୍ଗ କେଶରୀ ପ୍ରଧାନ, ଉପ ସଭାପତି ଭାବେ ତପନ କୁମାର ଆଚାର୍ଯ୍ୟ, ଦୟାନିଧି ସାହୁ, ସ୍ୱପ୍ନାଶ୍ରୀ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭାବେ ପ୍ରମୋଦ କୁମାର ସିଂ, ଲକ୍ଷ୍ମୀନାରାୟଣ ବରାଳ, କଲ୍ୟାଣୀ ରାଉତ ଏବଂ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଅନୀତା ମଣ୍ଡଳ, ଶାରଦା ପ୍ରସାଦ ଦାସ, ମିହିର କୁମାର ଆଚାର୍ଯ୍ୟ, ଶେଖ୍ ଜହିରୁଦ୍ଦିନ୍ ନିର୍ବାଚିତ ହୋଇଛନ୍ତି। ଏହି ସାମ୍ବିଧାନିକ ସମ୍ମିଳନୀକୁ ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ର, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧିଙ୍କ ସମେତ ରାଜ୍ୟ ଉପସଭାପତି ଶ୍ରୀକାନ୍ତ ସାହୁ, ପ୍ରମୋଦ କୁମାର ସ୍ୱାଇଁ, ରାଜ୍ୟ ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ, ପ୍ରଣବ କୁମାର ଜେନା, ରମାକାନ୍ତ ମହାପାତ୍ର, ଆଶୁତୋଷ ପ୍ରସାଦ ରଥ, ଜିଲ୍ଲା ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ, ତ୍ରିଲୋଚନ ଦାଶ, ସୟ କୁମାର ସିଂ, ସୁଧାକର ମହାପାତ୍ର, ପ୍ରଭାତ କୁମାର ପାଣିଗ୍ରାହୀ, ବିଭୁଦତ୍ତ ନାୟକ, କାର୍ଯ୍ୟକାରୀ କମିଟି ସଭ୍ୟ ମଧୁସୂଦନ ଦେ ପରିଚାଳନା ପ୍ରମୁଖ ପରିଚାଳନା କରିଥିଲେ। ସମସ୍ତ ନବ ନିର୍ବାଚିତ କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରିବା ପରେ ଜିଲ୍ଲା ତଥା ରାଜ୍ୟ ତରଫରୁ ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା

# ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାର ପକ୍ଷରୁ ରମାକାନ୍ତ ରଥଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲେଶ୍ୱର, ନ୍ୟୁଜ୍**

ରମାକାନ୍ତ ରଥଙ୍କ କବିତାରେ ନୈରାଶ୍ୟ, ସଂଶୟ ଶେଷ ଉପାଦାନ ନୁହେଁ। ଲେଖକୀୟ ସଚେତନଶୀଳତା ଓ ପ୍ରତିବଦ୍ଧତାରେ ରମାକାନ୍ତଙ୍କ କବିତା ଆବଦ୍ଧ। ରଥଙ୍କ କବିତାରେ ଅନ୍ତରର ଆବେଗ ସହ ମନନଶୀଳର ସଂପର୍କ ନିହିତ ରହିଛି। ରମାକାନ୍ତ ରଥ ଭାବ ଓ ଭାଷାର କବି। କବି ରଥ ଯୁଗାନ୍ତକାରୀ ସ୍ରଷ୍ଟା। ରମାକାନ୍ତଙ୍କ କବିତା ଆଧୁନିକତାର ଚରମସୀମାକୁ ସ୍ପର୍ଶ କରିଛି। ସର୍ବୋପରି ରମାକାନ୍ତ ରଥ ସ୍ୱାଧୀନଚେତା ଦାର୍ଶନିକ ଥିଲେ ବୋଲି ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାରର ଆଭାସୀ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ରମାକାନ୍ତ ପ୍ରେମୀ ଅତିଥିବୃନ୍ଦ ମତପ୍ରକାଶ କରିଛନ୍ତି। ପ୍ରାରମ୍ଭରେ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ର ଶ୍ରୀମଦ୍ ଭଗବତଗୀତାର ଦ୍ୱାଦଶ ଅଧ୍ୟାୟ ପଠନକରି ଉକ୍ତ ଶ୍ରଦ୍ଧାଞ୍ଜଳି ସଭାର ଅୟମାରମ୍ଭ କରିଥିଲେ। ପରେ ପରେ ଭୁବନେଶ୍ୱରରୁ ସୁଶ୍ରୀ ମାମାଲି ସାହୁ ଜଗନ୍ନାଥଙ୍କ ଷ୍ଟକ ପଠନ କରିବା ପରେ ରମାକାନ୍ତ ରଥଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ଆସରରେ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଫେସର ରମାକାନ୍ତ ବେହେରା, ପ୍ରଫେସର ସୁନନ୍ଦା ତ୍ରିପାଠୀ, ଅଧ୍ୟାପକ ପବିତ୍ର ନାରାୟଣ ବେହେରା (ଗଞ୍ଜାମ), ଶିକ୍ଷାବିତ୍ ବିରଞ୍ଚିନାରାୟଣ ମହାପାତ୍ର (ଦିଲ୍ଲୀ), ପ୍ରଫେସର ଅର୍ଜୁନ ଚରଣ ମଲ୍ଲିକ (କଟକ), ଶିକ୍ଷାବିତ୍ ନୀଳକଣ୍ଠ ମହାପାତ୍ର (ଚିଲିକା), କବୟିତ୍ରୀ ପ୍ରଣତି ମହାପାତ୍ର (ବାଲେଶ୍ୱର), ପଦ୍ମନାଭ ସାହୁ (ବରଗଡ଼), ସ୍ମିଗ୍ଧା ରାଉତ (ରାୟଗଡ଼ା), ସାକ୍ଷୀ ଅଗ୍ରୱାଲ (ଝାରସୁଗୁଡ଼ା), ପୁଷ୍ପମଞ୍ଜରୀ ବେହେରା (ବାଲେଶ୍ୱର), ଝରଣା ସାହୁ (ପୁରୀ), ବର୍ଷା ମହାନ୍ତି (କଟକ), ମୋନାଲିସା ପାଣିଗ୍ରାହୀ (କଟକ), ରିତୁ ଦଳାଇ (କଟକ), ଜ୍ୟୋତିର୍ମୟୀ ଜେନା, ଶ୍ରୀଲିପୀ ମହାପାତ୍ର ( ପୁରୀ), ପ୍ରଶାନ୍ତ ସାହୁ (ନୟାଗଡ଼), ପ୍ରତିମା ଭୁଏ (ସୁବର୍ଣ୍ଣପୁର), ଅମିତ୍ ଝଙ୍କାର (ବୌଦ୍ଧ), ଅସୀମା ପ୍ରିୟଦର୍ଶିନୀ (ଜଗତସିଂହପୁର), ପୂଜା ରାଉତ (ତାଳଚେର), ଜୟଶ୍ରୀ ବାରିକ (ଭଦ୍ରକ), ଭାର୍ଗବୀ ରାଉତ (ନୀଳଗିରି), ସିପ୍ରା ମଲ୍ଲିକ (ନୀଳଗିରି), ବିଷ୍ଣୁ ବେହେରା (ଫୁଲବାଣୀ), ଦେବସ୍ମିତା ମହାନ୍ତି (ଭଦ୍ରକ), ଅମ୍ରିତା ପାଠକ (ଭଦ୍ରକ), ଜୟଶ୍ରୀ ପଣ୍ଡା (ବାଲେଶ୍ୱର), ଲକ୍ଷ୍ମୀ ଘୋଷ (ବାରିପଦା), ସୁଜାତା ଦାସ (ନୟାଗଡ଼), ବିକ୍ରମ ଖଟାଇ (ପୁରୀ), ମଧୁସ୍ମିତା ନାୟକ (ପୁରୀ), ରଶ୍ମିକାନ୍ତ ମହାରଣା (ପୁରୀ), ରଙ୍କିତା ମାଝୀ (ସୁନ୍ଦରଗଡ଼), ଉନ୍ନତି ପ୍ରଧାନ (ପୁରୀ), ସାଗର କହଁର (ଢେଙ୍କାନାଳ), ଗିରିଶକାନ୍ତ ନିଆଳ, ଅଶୋକ ସାହୁ (କନ୍ଧମାଳ), ସୁଲତା ସାହୁ (ଗଞ୍ଜାମ), ସ୍ୱର୍ଣ୍ଣପ୍ରଭା ସାମଲ (ଯାଜପୁର), ଗାୟତ୍ରୀ ପାଢ଼ୀ (ଭଦ୍ରକ) ପ୍ରମୁଖ ଉପସ୍ଥିତ ରହି ନିଜନିଜ କଣ୍ଠରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ପରିବାରର ସମ୍ପାଦକ ଉପସ୍ଥିତ ସମସ୍ତ ରମାକାନ୍ତ ପ୍ରେମୀଙ୍କୁ ସାଧୁବାଦ ପୂର୍ବକ କୃତଜ୍ଞତା ଜଣାଇଥିଲେ। ଆଗାମୀ ଦିନରେ ପରିବାର ଦ୍ୱାରା ରମାକାନ୍ତଙ୍କ ପାଇଁ ଆଲୋଚନାଚକ୍ର ଆୟୋଜିତ ହେବ ବୋଲି ସମ୍ପାଦକ ଡ. ମିଶ୍ର ସୂଚନା ପ୍ରଦାନ କରିଥିଲେ।

## ଡିଗ୍ରୀ କଲେଜ ପକ୍ଷରୁ ସାତ ଦିନିଆ ଶିବିର ଉଦ୍‌ଘାଟିତ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ପୂଜାରୀପୁଟ ପଞ୍ଚାୟତର ବାସିନିଗୁଡ଼ା ଠାରେ ଡିଗ୍ରୀ କଲେଜ ପକ୍ଷରୁ ସାତ ଦିନିଆ ଶିବିର ଉଦ୍‌ଘାଟିତ ହୋଇ ଯାଇଛି। ଏଥିରେ ଶହୀଦ ଲକ୍ଷ୍ମଣ ନାୟକ ଡିଗ୍ରୀ କଲେଜର ୫୦ ଜଣ ଶିବିରାର୍ଥୀ ଅଂଶଗ୍ରହଣ କରିଥିଲେ। ଏହି ଉଦ୍‌ଘାଟିତ ଉତ୍ସବରେ ମହାବିଦ୍ୟାଳୟର ସଭାପତି ମନୋଜ କୁମାର ମହାପାତ୍ର, ଅଧକ୍ଷା ସ୍ନେହଲତା ପଟ୍ଟନାୟକ, ଜାତୀୟ ସେବା ଯୋଜନା ଅଧିକାରୀ ହିମାଂଶୁ ଶେଖର ବକ୍ସି, ଅଧାପିକା ମୌସୁମୀ ମହାନ୍ତି, ମାନସୀ ଆଚାର୍ଯ୍ୟ, ଜ୍ୟୋତି ପାଢି, ସମର କୁମାର ମହାପାତ୍ର, କ୍ଷୀରୋଦ୍ କୁମାର ପାଇକ ଯୋଗଦେଇଥିଲେ। ଏହି ଶିବିରର ମୂଳ ଲକ୍ଷ୍ୟ ହେଲା ପୋଷ୍ୟ ଗ୍ରାମ ଏବଂ ଆଖ ପାଖ ଗ୍ରାମର ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷାର ମହତ୍ୱ, ସବୁଜ ପରିବେଶ, ବାଲ୍ୟ ବିବାହ ରୋକିବା, ନିଶା ନିବାରଣ, ଟ୍ରାଫିକ୍ ନିୟମ, ସରକାରୀ ଯୋଜନା ଗୁଡିକ ସମ୍ପର୍କରେ ବୁଝାଇ ସଚେତନତା କରିବା। ଅତିଥିମାନେ ଛାତ୍ର ଛାତ୍ରୀଙ୍କୁ ଶାନ୍ତି ଶୃଙ୍ଖଳାର ସହ ଏହି ଶିବିରର ମହତ୍ ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ପରାମର୍ଶ ଦେଇଥିଲେ।

# ଏମ୍‌କେସିଜିରେ କମୁଛି ଡାଏଲିସିସ୍ : ଇନ୍‌ଡ଼ୋରରେ ହାତଗଣତି ରୋଗୀ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

କିଡ୍‌ନୀ ରୋଗୀ ନିମନ୍ତେ ଡାଏଲିସିସ୍ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ଏମ୍‌କେସିଜି ମେଡ଼ିକାଲ୍ ପକ୍ଷରୁ ପିଏମ୍‌ଏସ୍‌ଏସ୍‌ୱାଇ କୋଠାର ତଳ ମହଲରେ ୧୨ଟି ଡ଼ାଏଲିସିସ୍ ମେସିନ୍ ସ୍ଥାପନ କରାଯାଇଛି। ଉକ୍ତ ମେସିନ୍ ସାହାଯ୍ୟରେ ରୋଗୀମାନେ ଡାଏଲିସିସ୍ କରୁଛନ୍ତି। କିନ୍ତୁ ପରିଚାଳନା ଅବ୍ୟବସ୍ଥା କାରଣରୁ ଧୀରେ ଧୀରେ ଏମ୍‌କେସିଜି ମେଡ଼ିକାଲ୍‌ର ନେଫ୍ରୋଲୋଜି ବିଭାଗ ଉପରୁ ରୋଗୀଙ୍କ ଭରସା ତୁଟୁଥିବା ଦେଖିବାକୁ ମିଳିଛି। ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲା ସମେତ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ସୀମାନ୍ତ ଅଞ୍ଚଳରୁ ବହୁ କିଡ୍‌ନୀ ରୋଗୀ ଉନ୍ନତ ଚିକିତ୍ସା ସେବା ପାଇଁ ଏମ୍‌କେସିଜି ମେଡ଼ିକାଲ୍‌ରେ ନେଫ୍ରୋଲୋଜି ବିଭାଗ ଉପରେ ନିର୍ଭର କରିଥାନ୍ତି । ସେଥି ମଧ୍ୟରୁ ବହୁ ରୋଗୀଙ୍କର କିଡ୍‌ନୀ ଅକାମୀ ହୋଇଯାଇଥିବା ବେଳେ ସେମାନଙ୍କୁ ଡାକ୍ତର ଡାଏଲିସିସ୍ ନିମନ୍ତେ ପରାମର୍ଶ ଦେଇଥାନ୍ତି। ଆବଶ୍ୟକତା ଦୃଷ୍ଟିରୁ ମେଡ଼ିକାଲ୍‌ର ଏହି ଗୁରୁତ୍ୱପୂର୍ଣ୍ଣ ବିଭାରେ ୧୨ଟି ଡାଏଲିସିସ୍ ମେସିନ୍ ସ୍ଥାପନ କରାଯାଇଛି। କିନ୍ତୁ ବିଭାଗରେ ଧିରେ ଧିରେ ଡାଏଲିସିସ୍ ରୋଗୀଙ୍କ ସଂଖ୍ୟା କମିବାରେ ଲାଗିଛି। ଗତ ୨୦୨୪ ଏପ୍ରିଲ୍ ୬୨୯ ଜଣ ରୋଗୀଙ୍କ ଡାଏଲିସିସ୍ ହୋଇଥିବା ବେଳେ ୨୦୨୫ ଫେବୃୟାରୀ ମାସରେ ୪୬୦ ଜଣଙ୍କ ୨୦୨୫ ମସିହାରେ ଜାନୁଆରୀ ମାସରେ ୫୧୮ ଜଣ ଫେବୃଆରୀ ୪୬୦ ଜଣ ହୋଇଛି। ଏଭଳି ଗତ ୧୦ ମାସ ମଧ୍ୟରେ ଏମ୍‌କେସିଜି ମେଡ଼ିକାଲ୍ ପ୍ରାୟ ୨ଶହ ଡାଏଲିସିସ୍ ରୋଗୀଙ୍କ ସଂଖ୍ୟା କମିବାରେ ଲାଗିଛି। ଏମ୍‌କେସିଜି ମେଡ଼ିକାଲ୍‌ର ଡାଏଲିସିସ୍ ୟୁନିଟ୍‌ରେ ୨୦୨୪ ମସିହା ଏପ୍ରିଲ୍ ୬୨୯ ଜଣ ରୋଗୀଙ୍କ ଡାଏଲିସିସ୍ କରାଯାଇଥିବା ବେଳେ ମଇ ମାସରେ ୬୦୨ ଜଣ, ଜୁନ୍‌ରେ ୫୨୨, ଜୁଲାଇରେ ୫୭୯, ଅଗଷ୍ଟ ରେ ୫୭୯, ସେପ୍ଟେମ୍ବର ୫୩୫, ଅକ୍ଟୋବର ୪୫୮, ନଭେମ୍ବର ୪୮୫, ଡିସେମ୍ବର ୪୯୫ ଜଣ ରୋଗୀଙ୍କ ଡାଏଲିସିସ୍ ହୋଇଛି । ଅପରପକ୍ଷେ ୨୦୨୫ ମସିହାରେ ଜାନୁଆରୀ ମାସରେ ୫୧୮ ଜଣ, ଫେବୃୟାରୀ ୪୬୦ ଜଣ ଓ ମାର୍ଚ୍ଚ ମାସ ବର୍ତ୍ତମାନ ସୁଦ୍ଧା ୧୮୬ ଜଣ ରୋଗୀଙ୍କ ଡାଏଲିସିସ୍ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।



ଏମ୍‌କେସିଜି ମେଡ଼ିକାଲ୍‌ରେ ଡାଏଲିସିସ୍ କରୁଥିବା ରୋଗୀଙ୍କୁ ପ୍ରାୟ ତିନି ଘଣ୍ଟା ଡାଏଲିସିସ୍ କରିବାକୁ ନିୟମ ରହିଥିବା ବେଳେ ବିଭାଗ ପକ୍ଷରୁ ଆବଶ୍ୟକତା ଠାରୁ କମ୍ ସମୟ କରାଯାଉଥିବା ବହୁ ରୋଗୀ ଅଭିଯୋଗ କରିଛନ୍ତି । ଅପରପକ୍ଷେ ବିଭାଗର ୧୨ଟି ଡାଏଲିସିସ୍ ମେସିନ୍ ୟୁନିଟ୍ ମଧ୍ୟରୁ ୩ଟି ମେସିନ୍ କିଛି ମାସ ହେବ ଖରାପ ହୋଇ ପଡ଼ିଛି। ଏହା ସହ ବ୍ଲଡ୍ ପ୍ରେସର କମ୍ ରହୁଥିବା କିଡ୍‌ନୀ ରୋଗୀଙ୍କ ନିମନ୍ତେ ରହିଥିବା ୨ଟି ସ୍ଲେଡ୍ ମେସିନ୍ ଦୀର୍ଘ ବର୍ଷ ହେବ ଖରାପ ହୋଇପଡ଼ିଛି। ସେହିପରି ଏମ୍‌କେସିଜି ମେଡ଼ିକାଲ୍ ଡାଏଲିସିନ୍ ୟୁନିଟ୍‌ରେ ଏଚ୍‌ଆଇଭି ପଜିଟିଭ୍ ରୋଗୀଙ୍କ ପାଇଁ ଡାଏଲିସିସ୍‌ର ସୁବିଧା ନାହିଁ । ଉକ୍ତ ରୋଗୀଙ୍କ ପାଇଁ ଉପଲବ୍ଧ ଥିବା ଡାଏଲିସିସ୍ ମେସିନ୍ କିଛି ମାସ ହେବ ଖରାପ ହୋଇ ପଡ଼ିଛି । ଏଚ୍‌ଆଇଭି ପଜିଟିଭ୍ ରୋଗୀଙ୍କ ଫଳରେ ରୋଗୀମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି । ଗୋଟିଏ ପକ୍ଷରେ ଏକାଧିକ ଡାଏଲିସିସ୍ ମେସିନ୍ ଖରାପ ହୋଇ ପଡ଼ିଥିବା ବେଳେ ଅନ୍ୟପକ୍ଷରେ ମେଡ଼ିକାଲ୍‌ରେ ବହୁ ଦଲାଲ ସକ୍ରିୟ ରହିଛନ୍ତି । ଫଳରେ ଡାକ୍ତର ଡାଏଲିସିସ୍ ନିମନ୍ତେ ପରାମର୍ଶ ଦେଉଥିବା ରୋଗୀଙ୍କୁ ଦଲାଲମାନେ ସହରର ବିଭିନ୍ନ ଘରୋଇ ଡାଏଲିସିସ୍ ସେଣ୍ଟରକୁ ନେଉଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ଛତ୍ରପୁର, ଭଞ୍ଜନଗର, ହିଞ୍ଜିଳିକାଟୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାଏଲିସିସ୍ ୟୁନିଟ୍ ସ୍ଥାପନ ହୋଇଥିବା ବେଳେ ଏମ୍‌କେସିଜି ମେଡ଼ିକାଲ୍‌ରେ ଡାଏଲିସିସ୍ ରୋଗୀଙ୍କ ସଂଖ୍ୟା କମୁଥିବା ଅନୁମାନ କରାଯାଉଛି । ସେପଟେ ବି ଭାଗର ଇନ୍‌ଡ଼ୋରରେ ମୋଟ ୨୨ଟି ବେଡ୍ ରହିଥିବା ବେଳେ ମାସକୁ ୩୦ରୁ ୪୦ ଜଣ ରୋଗୀ ରହୁଥିବା ଜଣାପଡ଼ିଛି । ରୋଗୀଙ୍କ ଚିକିତ୍ସା ଅବହେଳା କାରଣରୁ ବିଭାଗ ଉପରେ ରୋଗୀଙ୍କ ଭରସା ତୁଟିବାରେ ଲାଗିଛି । ବିଭାଗରେ ଗୋଟିଏ ଲେଖାଏଁ ପ୍ରଫେସର ଓ ଆସୋସିଏଟ୍ ପ୍ରଫେସର ରହିଥିବା ବେଳେ ୨ଜଣ ଜୁନିୟର ରେସିଡ଼ାଣ୍ଟ ରହିଛନ୍ତି । ସେହିପରି ୩ଜଣ ଡ଼ାଏଲେସିସ୍ ଟେକ୍ନିସିଆନ୍ ଓ ୯ଜଣ ନର୍ସିଂ ଅଫିସର ରହିଛନ୍ତି । ଏଥି ମଧ୍ୟରୁ ବହୁ କର୍ମଚାରୀ ସଠିକ୍ ସମୟରେ କାର୍ଯ୍ୟରେ ଯୋଗ ଦେଉନଥିବା ରୋଗୀ ଅଭିଯୋଗ କରିଛନ୍ତି । ସବୁଠାରୁ ବଡ଼ କଥା ବିଭାଗୀୟ ମୁଖ୍ୟ ସପ୍ତାହକୁ ମାତ୍ର ଦୁଇ ଦିନ ଯଥା ମଙ୍ଗଳବାର ଓ ଗୁରୁବାର ମେଡ଼ିକାଲ୍ ଆସୁଥିବା ଅଭିଯୋଗ ହୋଇଛି । ଡାକ୍ତର ଓ ବହୁ କର୍ମଚାରୀଙ୍କ ଅବହେଳା କାରଣରୁ ରୋଗୀ ଉକ୍ତ ବିଭାଗରେ ଚିକିତ୍ସିତ ହେବାକୁ ନାପସନ୍ଦ କରୁଥିବା ଜଣାପଡ଼ିଛି ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ସ୍ୱାସ୍ଥ୍ୟ ବୀମାରେ ଦୁଇ ଗୁଣା ବୃଦ୍ଧି

ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ବହୁ ମାତ୍ରାରେ ମହଙ୍ଗା ହୋଇଗଲାଣି। ଗତ ୧୦ ବର୍ଷରେ ଏହା ଦୁଇ ଗୁଣା ବଢ଼ିଯାଇଛି । ଫଳରେ ଅନେକ ଲୋକ ନିଜ ନିଜର ବୀମା ବନ୍ଦ କରିବାକୁ ବାଧ୍ୟ ହେଉଥିବା ଏକ ରିପୋର୍ଟରୁ ଜଣାପଡ଼ିଛି । ରିପୋର୍ଟ ଅନୁସାରେ, ମହଙ୍ଗା ପ୍ରିମିୟମ ଯୋଗୁ ଲୋକେ ପଲିସି ବନ୍ଦ କରିଦେଉଛନ୍ତି ଅବା କମ୍ କଭର ରହିଥିବା ପ୍ଲାନ୍ ନେଉଛନ୍ତି। ଚଳିତ ଆର୍ଥିକ ବର୍ଷ ପ୍ରତି ୧୦ରେ ଜଣେ ବୀମାଧାରୀ ନିଜର ସ୍ୱାସ୍ଥ୍ୟ ବୀମା ପଲିସିକୁ ରିନ୍ୟୁ କରିନାହାନ୍ତି । ପ୍ରାୟ ୧୦% ଲୋକଙ୍କ ପ୍ରିମିୟମ ୩୦% କିମ୍ବା ଏହାଠାରୁ ଅଧିକ ବୃଦ୍ଧି ପାଇଛି । ଏଥିମଧ୍ୟରୁ ମାତ୍ର ଅଧା ଲୋକ ହିଁ ପୁରା ପ୍ରିମିୟମ ଭରିଛନ୍ତି । ଗତ ୧୦ ବର୍ଷରେ ୫୨% ପଲିସିଧାରୀଙ୍କ ପ୍ରିମିୟମରେ ବାର୍ଷିକ ୫ରୁ୧୦% ବୃଦ୍ଧି ଘଟିଛି। ଏହାର ଅର୍ଥ ଯଦି କୌଣସି ବ୍ୟକ୍ତିଙ୍କ ପ୍ରିମିୟମ୍ ୧୦୦ ଟଙ୍କା ଥିଲା ୧୦ ବର୍ଷ ପରେ ଏହା ୧୬୨- ୨୫୯ ଟଙ୍କା ହୋଇଛି । ୩୮% ପଲିସିଧାରୀଙ୍କ ପ୍ରିମିୟମରେ ବାର୍ଷିକ ବୃଦ୍ଧି ୧୦ରୁ୧୫% ରହିଛି । ଅର୍ଥାତ୍ ସେମାନଙ୍କ ୧୦୦ ଟଙ୍କା ଥିବା ପ୍ରିମିୟମ ୨୫୯ରୁ୪୦୪ ଟଙ୍କା ହୋଇଛି । କିନ୍ତୁ ୩% ଲୋକଙ୍କ ପ୍ରିମିୟମ୍‌ରେ ବାର୍ଷିକ ବୃଦ୍ଧି ୧୫ରୁ୩୦% ରହିଥିବା ଜଣାପଡ଼ିଛି । ପ୍ରଶ୍ନ ଉଠୁଛି ଯେ, ପ୍ରିମିୟମ କାହିଁକି ଏତେ ମାତ୍ରାରେ ବୃଦ୍ଧି ପାଇଛି । ବୀମା କମ୍ପାନିଙ୍କ କହିବାନୁସାରେ, କ୍ଲେମ୍ ଅନୁପାତ ବିଗିଡ଼ିବା କାରଣରୁ ଏଭଳି ହେଉଛି । କ୍ଲେମ୍ ଅନୁପାତ ଅର୍ଥାତ୍, ଯେତିକି ପ୍ରିମିୟମ ସଂଗ୍ରହ ହୋଇଛି, ସେଥିମଧ୍ୟରୁ କେତେ ମାତ୍ରାକୁ କ୍ଲେମ୍ କରାଯାଇଛି । ଯଦି ଅଧିକ କ୍ଲେମ୍ ଆସେ, ତେବେ କମ୍ପାନିଗୁଡ଼ିକୁ ପ୍ରିମିୟମ ବଢ଼ାଇବାକୁ ପଡ଼ିଥାଏ । କିଛି ଲୋକଙ୍କ ପ୍ରିମିୟମ୍‌ରେ ଅଧିକ ବୃଦ୍ଧି ଦେଖିବାକୁ ମିଳିଛି । କାରଣ ସ୍ୱାସ୍ଥ୍ୟ ବୀମାର ପ୍ରିମିୟମ୍ ପ୍ରତିବର୍ଷ ଏକାଭଳି ବଢ଼ି ନ ଥାଏ । ଏହା କିଛି ବର୍ଷର ବ୍ୟବଧାନରେ ଅଚାନକ ବୃଦ୍ଧି ପାଇଥାଏ । ବୀମା କମ୍ପାନିଗୁଡ଼ିକ ପ୍ରତି ୩ ବର୍ଷରେ ମେଡିକାଲ ଖର୍ଚ୍ଚ ହିସାବରେ ନିଜ ନିଜର ବୀମା ଦର ବଢ଼ାଇଥାନ୍ତି । ବୟସ ବଢ଼ିବା ସହ ପ୍ରିମିୟମ ବଢ଼ିଥାଏ। ବୟୋବୃଦ୍ଧ ଲୋକଙ୍କ ଚିକିତ୍ସା ଖର୍ଚ୍ଚ ଅଧିକ ରହିଥାଏ । ତେଣୁ ସେମାନଙ୍କ ପ୍ରିମିୟମ୍‌ରେ ଅଧିକ ବୃଦ୍ଧି କରାଯାଇଥାଏ। ପଲିସିବଜାରର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଭାରତର ସ୍ୱାସ୍ଥ୍ୟ ବୀମା ବଜାରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଏହି ସର୍ଭେରେ ବର୍ଦ୍ଧିତ ପ୍ରିମିୟମ, ଲୋକଙ୍କ ଖର୍ଚ୍ଚ କମ୍ କରିବାର ଉପାୟ ଏବଂ ମେଡିକାଲ ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ପାଇଁ କମ୍ପାନିଗୁଡ଼ିକର ମତାମତ ନିଆଯାଇଛି । କିଛି ଲୋକଙ୍କୁ ପ୍ରିମିୟମ୍‌ରେ ବଡ଼ ବୃଦ୍ଧିର ସାମ୍ନା କରିବାକୁ ପଡ଼ିଛି । କିନ୍ତୁ ଅଧିକାଂଶ ଲୋକ ନୂଆ ପ୍ଲାନ୍ ଏବଂ ସଞ୍ଚୟର ବିଭିନ୍ନ ଉପାୟ ମାଧ୍ୟମରେ ଖର୍ଚ୍ଚକୁ ଭଲ ଭାବେ ପରିଚାଳନା କରିପାରୁଥିବା ଏଥିରେ ଉଲ୍ଲେଖ କରାଯାଇଛି । ବିଶେଷଜ୍ଞଙ୍କ ମତରେ, ଯଦି ପ୍ରିମିୟମ ବଢ଼େ ଏବଂ ବୀମାଧାରୀ ତାହାକୁ ଭରିବାକୁ ଚାହାନ୍ତି ନାହିଁ ତେବେ ସେମାନଙ୍କ ପାଖରେ କମ୍ ପ୍ରିମିୟମଯୁକ୍ତ ପ୍ଲାନ୍ ବାଛିବାର ବିକଳ୍ପ ରହିଛି । କେତେକ ଲୋକ ଟଙ୍କା ବଞ୍ଚାଇବା ପାଇଁ 'ଡିଡକ୍ଟେବଲ' ବିକଳ୍ପ ବି ବାଛୁଛନ୍ତି। 'ଡିଡକ୍ଟେବଲ'ର ଅର୍ଥ ହେଉଛି, ଏକ ନିର୍ଦ୍ଦିଷ୍ଟ ରାଶି ପର୍ଯ୍ୟନ୍ତ ଖର୍ଚ୍ଚକୁ ନିଜକୁ ଉଠାଇବାକୁ ପଡ଼ିବ, ଏହା ପରେ ହିଁ ବୀମା କମ୍ପାନି ଖର୍ଚ୍ଚ କରିବ । ମେଡିକାଲ ଖର୍ଚ୍ଚ ବୃଦ୍ଧି ଏବଂ ନୂଆ ପ୍ରଯୁକ୍ତି ସହିତ ସ୍ୱାସ୍ଥ୍ୟ ବୀମାର ପରିସର ବଢୁଛି, ଯାହାଦ୍ୱାରା ପ୍ରିମିୟମ ଉପରେ ପ୍ରଭାବ ପଡୁଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

ସତ୍ୟ ଭାଗବତ
ହରେ ରାମ କୃଷ୍ଣ
କେତେ ରାତି ପାହିଗଲା
କେତେ ଦିନ ଚାଲିଗଲା
ମାସ ପରେ ବର୍ଷ ଗଲା
କେତେ ଯୁଗ ବିତିଗଲା
ତଥାପି ହେ ମହାବାହୁ
ପ୍ରତୀକ୍ଷା ମୋ ନ ସରିଲା
(୧)
କେତେ ଜନ୍ମ ହୋଇଗଲା
କେତେ ମୃତ୍ୟୁ ହୋଇଗଲା
କେତେ ଯୋଗ ସବୁଗଲା
ତପସ୍ୟା ସାଧନା ଗଲା
ତଥାପି ହୃଦୟ ନାଥ
ତୋ ଦର୍ଶନ ନ ହୋଇଲା
(୨)
ସୁଖ ଦୁଃଖ ସବୁହେଲା
ସଂସାର ଯାତନା ଗଲା
ମନ କାହିଁ ନ ମାନିଲା
ତୋ ବିହୁନେ ସବୁ ମଲା
ତଥାପି ହେ ପ୍ରାଣନାଥ
ତୋ ପ୍ରମାଣ ନ
ମିଳିଲା (୩)
ଜୀବ ଆତ୍ମା କେତେ
ଗଲା
ପରମାତ୍ମା ନ ଖୋଜିଲା
ଅଭି ଖାଲି ଭାବିହେଲା
ଅଭିରାମ ନମିଳିଲା
ତଥାପି ଏ ନନ୍ଦିଘୋଷ
ତୋ ପାଇଁ ପ୍ରତୀକ୍ଷା
କଲା। (୪)

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୧୬)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ବିଶର ମହାନ୍ତି ଜଣେ ସମ୍ଭ୍ରାନ୍ତ କରଣ କିନ୍ତୁ ଯେତେବେଳେ ବିଶର ମହାନ୍ତି ବୈଷ୍ଣବ ସଂପ୍ରଦାୟ ମଧ୍ୟରେ ଆତଯାତ ହେଉଥିଲା ସେତେବେଳେ ମହାବାହୁଙ୍କର ଆଶ୍ରିତ ହୋଇ ଜୀବନ ନିର୍ବାହ କରିବାକୁ ଲାଗିଲା। ତାହାର ଭାବଭଙ୍ଗୀ ଓ ଭକ୍ତିଭାବ ଏତେ ବୃଦ୍ଧି ପାଉଥିଲା ଯେ ସେ ବୋଧହୁଏ ଭାବି ନେଇଥିଲା ଯେ ଜଗନ୍ନାଥ ହିଁ ସର୍ବସ୍ୱ। ପ୍ରଖ୍ୟାତ ଭକ୍ତି ଭାବାପନ୍ନ ମାନସିକତା ମଣିଷ ପାଖରେ କୌଣସି ବସ୍ତୁ, ଅର୍ଥ, ଅଥବା ଯଶ, ଅପଯଶ ପ୍ରତି ଭ୍ରୂକ୍ଷେପ ନଥାଏ, ଅର୍ଥାତ୍ ନିର୍ବିକାର ଭାବେ ବଂଚିରହିବାର ଅଭ୍ୟାସକୁ ସେ ଆପଣାର କରିନେଇଥାଏ। ସେହି ଦୁର୍ବୋଧ ଅଭ୍ୟାସରେ ସେ ଅଭ୍ୟସ୍ତ ହୋଇଯାଇଥିଲା। ଏଭଳି ଲକ୍ଷଣ ସବୁ ଯେଉଁ ବ୍ୟକ୍ତିମାନଙ୍କ ନିକଟରେ ଦେଖାଯାଏ ସେମାନଙ୍କୁ ଯୋଗୀ ଭାବରେ ସମାଜ ଗ୍ରହଣ କରିନେଇଥାଏ। କାରଣ ସେ ଧରିନେଇଥାଏ ଯେ ଈଶ୍ୱରଙ୍କ ଠାରୁ ଆଉ କୌଣସି ଦୁର୍ଲ୍ଲଭ ଚେତନା ଏ ସୃଷ୍ଟିରେ ନାହିଁ। ଏପରି ବ୍ୟକ୍ତି ସମାଜରେ ବିରଳ। ତେବେ ବିଶର ମହାନ୍ତିଙ୍କ ସଂପର୍କରେ ଆଉ ଗୋଟିଏ ଉପାଦେୟ ତଥ୍ୟ ଓଡ଼ିଶାର ଯୋଗଜନ୍ମା ସାହିତ୍ୟିକ ତଥା ପ୍ରସିଦ୍ଧ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି କେତେକ ତଥ୍ୟ ଦେଇଛନ୍ତି ତାହାକୁ ଆମେ ନିମ୍ନରେ ଉଲ୍ଲେଖ କରୁଛୁ। "ସେତେବେଳେ ଓଡ଼ିଶାରେ ସ୍ୱାଧୀନ ରାଜଶକ୍ତି ନଥିଲା। ଜନ ଶକ୍ତିଥିଲା ଅଥର୍ବ, କଳା ପାହାଡର ପ୍ରତିରୋଧ ଅଥବା ଜଗନ୍ନାଥଙ୍କୁ ଉଦ୍ଧାର କରିବା ପାଇଁ ସେତେବେଳ କେହି ଅଭୟ ପୁରୁଷ ନଥିଲେ। ଓଡ଼ିଶାର ଘରେ ଘରେ କେବଳ ନିଷ୍ଫଳ ହାୟ ହାୟ। ଅର୍ଥାତ, ଅଜ୍ଞାତ ବିଶର ମହାନ୍ତି କିନ୍ତୁ ସେଦିନ ଗୌଡ ଦାଣ୍ଡରେ ପଠାଣ ଫଉଜଙ୍କ ପଛେ ପଛେ ଛୁଟିଥିଲା କ୍ଷୁଦ୍ର ଓ ଭିକ୍ଷୁ ପରି ଜଗନ୍ନାଥଙ୍କ ବାଟ ଧରି। ମାତ୍ର ତା'ପରେ ସ୍ଥଳ ପଥରେ ଫେରି ଆସିବା ପାଇଁ ତା'ର ସାହସ ନଥିଲା। ଏତେ କଷ୍ଟରେ ଆହୃତ ମହାବ୍ରହ୍ମଙ୍କୁ ବିଶର ମହାନ୍ତି ଚୋରାଇ ନେଉଥିବା ଜାଣିପାରି ଯଦି କଳାପାହାଡର ଲସ୍କର ମାନେ ପୁଣି ତା'ଠାରୁ ଛଡାଇନିଅନ୍ତି ? ଦୁସ୍ତର ଯୁଗର ଦୁର୍ଲ୍ଲଭ ସଂପତ୍ତିଭଳି ବିଶର ମହାନ୍ତି ସେଇ ବ୍ରହ୍ମଙ୍କୁ ପଖୋଜ ଖୋଳରେ ଲୁଚାଇ ସମୁଦ୍ର ବାଟେ ଓଡ଼ିଶା ଲେଉଟାଣି ଗୋଟିଏ ବୋଇତରେ ବସି ବହୁଦିନ ପରେ କୁଜଙ୍ଗ ଠାରେ ଆସି ପହଞ୍ଚିଥିଲେ।" ଏଥିରେ ବି ବିଶର ମହାନ୍ତିଙ୍କର ବଂଶ ପରିଚୟ ଅସ୍ପଷ୍ଟ। ଆମେ ଆଉ ଜଣେ ବିଶିଷ୍ଟ ଐତିହାସିକଙ୍କ ଲିଖିତ ବିବୃତିକୁ ମଧ୍ୟ ଏଠାରେ ଲିପିବଦ୍ଧ କରୁଛୁ। ସେହି ଐତିହାସିକ ହେଉଛନ୍ତି ପଣ୍ଡିତ ସଦାଶିବ ରଥ ଶର୍ମା। ସେ ଲେଖିଛନ୍ତି " ଏଠାରେ ଗଡ କୁଜଙ୍ଗ ତଥା ବିଶର ମହାନ୍ତିଙ୍କ ପ୍ରସଙ୍ଗ ସାମାନ୍ୟତଃ ଆଲୋଚନା ମଧ୍ୟକୁ ଆସିବା ପ୍ରୟୋଜନ ଅଛି। କୁଜଙ୍ଗର କିମ୍ବଦନ୍ତୀ ଓ ପ୍ରାମାଣିକ ଇତିହାସ କହନ୍ତି ବିଶର କରଣ ତିନିମୂର୍ତ୍ତିଙ୍କ ବ୍ରହ୍ମଦାରୁ ଖଣ୍ଡକୁ କଟକ ଦେଇ ଆଣିଲା ବେଳେ ଚନ୍ଦନ ମହାପାତ୍ର ଅଧିକାରୀ କଟକ ଉପାନ୍ତ (ନୂଆବଜାର) ଶିବାଳୟରେ ରହୁଥିଲେ। ବିଶର କରଣଙ୍କୁ ଜଗନ୍ନାଥଙ୍କ ଦାରୁଙ୍କୁ ସେ କୁଜଙ୍ଗ ନେଇ ଯିବାକୁ କହିଲେ। ସେ କୁଜଙ୍ଗ ରାଜ୍ୟର ଗୁରୁଥିବାରୁ ତାହାହିଁ ହେଲା ଓ ସମୁଦ୍ର କୂଳରେ କୁଞ୍ଜ ବିହାରୀ ଯେଉଁଠାରେ ଅଛନ୍ତି, ସେଠାରେ ଦାରୁବ୍ରହ୍ମ ରହିଲେ। ତାଙ୍କର ରକ୍ଷା ନିମନ୍ତେ ପୁରୀର ଦରିଆ ହନୁମାନଙ୍କ ନ୍ୟାୟରେ ଦରିଆ ହନୁମନ୍ତ ରହିଲେ''। କ୍ରମଶଃ ...

# ବିଶ୍ୱ ଦେଖିବ ପଖାଳର ଚମକ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪



ଓଡିଆ ପରମ୍ପରାରେ ଖାଦ୍ୟର ଯେଉଁସବୁ ବିଶେଷ ମହତ୍ତ୍ୱ ରହିଛି ସେଥି ମଧ୍ୟରୁ ପଖାଳ ଅନ୍ୟତମ। ଓଡିଆ ଓ ପଖାଳ ଉଭୟ ଅଭିନ୍ନ । ପଖାଳ ଓଡିଆ ସଂସ୍କୃତି ଓ ଜନଜୀବନ ସହ ଓତଃପ୍ରୋତ ଭାବେ ଜଡିତ । ପାରମ୍ପାରିକ ଭାବେ ପ୍ରତିଟି ଓଡିଆ ଏହାକୁ ନିତିଦିନିଆ ଖାଦ୍ୟ ଭାବେ ବ୍ୟବହାର କରି ଆସୁଛନ୍ତି । ପରିବାରକୁ ଯୌଥ ସୂତ୍ରରେ ଯୋଡି ରଖିବାରେ ପଖାଳ ଏକ ମାଧ୍ୟମ । ଛଅ ତିଅଣ, ନଅ ଭଜା ଆମ ଓଡିଆଙ୍କ ଖାଦ୍ୟ ଚଳଣୀର ବଡ ସ୍ୱାତନ୍ତ୍ର୍ୟ । ଓଡିଶାର ପାରମ୍ପରିକ ଖାଦ୍ୟ କହିଲେ ପଖାଳ । ଯାହା ଏକ ସୁସ୍ୱାଦୁ ଓ ପାର୍ଶ୍ୱ ପ୍ରତିକ୍ରିୟାବିହିନ ଉତ୍କୃଷ୍ଟ ଖାଦ୍ୟ । ଗରୀବଙ୍କ ଠାରୁ ଆରମ୍ଭ କରି ଧନୀ ପର୍ଯ୍ୟନ୍ତ ସମସ୍ତଙ୍କର ଅତି ପ୍ରିୟ ହେଉଛି ପଖାଳ । ପଖାଳ ଖାଇବାକୁ କୌଣସି ନିର୍ଦ୍ଦିଷ୍ଟ ଦିନ କି ସମୟ ନଥାଏ । ଏହାର ଲୋକପ୍ରିୟତା ଏତେ ଯେ ବର୍ତ୍ତମାନ ଅତ୍ୟାଧୁନିକ ଖାଦ୍ୟ ମଧ୍ୟରେ ପଖାଳ ତାର ସତ୍ତା ହରାଇ ନାହିଁ । ସଜପଖାଳ, ଦହି ପଖାଳ, ବାସୀ ପଖାଳ, ଚାଇଁ ପଖାଳ, ସୁଗନ୍ଧ ପଖାଳ, ଘିଅପଖାଳ ଭେଦରେ ପଖାଳ ବିଭିନ୍ନ ପ୍ରକାରର ଓ ଏହାର ସ୍ୱାଦ ମଧ୍ୟ ଭିନ୍ନଭିନ୍ନ । ପଖାଳ ଏମିତି ଏକ ଖାଦ୍ୟ ଯାହାର ଓଡିଆ ଜାତି ସହ ନିବିଡତା କାହିଁ କେଉଁ କାଳରୁ ଯୋଡି ହୋଇ ରହିଛି । ପ୍ରତିଟି ଓଡିଆ ପରିବାରରେ ଏହାର ଆଦର କାହିଁରେ କଣ । ଦିନ ହେଉ ବା ରାତି ଦିଗୁଣ୍ଡା ପଖାଳ ଓ ମୁନ୍ଦାଏ ତୋରାଣି ପିଇଦେଲେ ଆତ୍ମାକୁ ଶାନ୍ତି ମିଳିଥାଏ। ଆମ ପାଇଁ ଏହା କେବଳ ଏକ ଖାଦ୍ୟ ନୁହେଁ, ବରଂ ଖାଦ୍ୟ ପାଇଁ ଥିବା ଆମର ଭଲ ପାଇବା, ଶ୍ରଦ୍ଧା ଓ ସଦିଚ୍ଛାର ନିଚ୍ଛକ ପ୍ରତିଛବି । ସେଥିପାଇଁ କଥାରେ ଅଛି- ଝୁରି ହେଉଛି ଦିନକାଳ, ମନ ଖୋଜୁଛି ସେକାଳ ପଖାଳ । ବିଦେଶରେ ଓଡିଆଟିଏ ରହିଲେ ମଧ୍ୟ ଘରେ ଖାଇଥିବା ମା ହାତରେ ପ୍ରସ୍ତୁତ ପଖାଳ ଓ ବଡିଚୁରାକୁ ସବୁବେଳେ ମନେ ପକାଏ । ଭିଟାମାଟିକୁ ଫେରି ଆସି ପଖାଳ ଗଣ୍ଡେ ଖାଇଦେଲେ ମନ ତୃପ୍ତ ହୋଇଯାଏ ।

ଓଡିଶାର ଘରେଘରେ ପରିଚିତ ଏକ ଢଗ ଅଛି- ମଦରଙ୍ଗା ଶାଗ ରାଇ; ପଖାଳ ଭାତକୁ ଚିଲିକା ଶୁଖୁଆ, ମାଣିକ ପାଟଣା ଦହି । ଅତୀତରେ ପଖାଳ ସାଙ୍ଗକୁ ଘରେ ଠେକି ବସା ଦହି ଓ ଚିଲିକା ଶୁଖୁଆ ଥିଲା ପାରମ୍ପରିକ ବ୍ୟଞ୍ଜନ । ଏବେ କିନ୍ତୁ ଆଳୁ ଭଜା ଠାରୁ ଆରମ୍ଭ କରି ବଡିଚୁରା, ମାଛ ଭଜା ପ୍ରଭୃତି ସହ ପଖାଳ ଖାଇବାକୁ ଅନେକଙ୍କୁ ଭଲ ଲାଗେ । ସାଧାରଣ ଲୋକେ ଶାଗ, ପିଆଜ, ଲଙ୍କା ସହ ପଖାଳ ଖାଇବାକୁ ଭଲପାଆନ୍ତି । ଚୁନା ମାଛ, ଶୁଖୁଆ ରାଇ, ଶୁଖୁଆ ପୋଡା, ଶାଗ ଭଜା, ବଡିଚୁରା, କଖାରୁ ଫୁଲ ପିଠୋଉ, ଚିଙ୍ଗୁଡି ଛେଚା, ଆଳୁ ଭରତା, ଚିକେନ କଷା ପଖାଳ ସହ ସମସ୍ତଙ୍କୁ ଆକୃଷ୍ଟ କରେ । ଭୋକ ନ ଲାଗୁଥିଲେବି ପଖାଳ ଓ ଏସବୁ ସ୍ୱାଦିଷ୍ଟ ବ୍ୟଞ୍ଜନ ଦେଖି ଖାଇବାକୁ ଆପେ ମନ ବଳେ । ପଖାଳ ଏପରି ଏକ ବ୍ୟଞ୍ଜନ ଯାହା ବିନା ତରକାରୀରେ କେବଳ ଲଙ୍କା, ଲୁଣ, ପିଆଜ ସହ ବି ଖାଇ ହୋଇଥାଏ। ତେବେ ପଖାଳର ପ୍ରସ୍ତୁତି ହିଁ ପଖାଳକୁ ସ୍ୱାଦିଷ୍ଟ କରିଥାଏ । ଉଷୁନା ଓ ଅରୁଆ ଭାତରେ ପଖାଳ ହୁଏ । ଗରମ ଭାତ ଥଣ୍ଡା ହୋଇଗଲେ ସେଥିରେ ବାସୀ ତୋରାଣି ମୁନ୍ଦାଏ ଦେଇ ପାଣିରେ ଗୋଳା ଯାଏ । ଦହି, ଲେମ୍ବୁ ପତ୍ର, ସୋରିଷ, ଲଙ୍କା, ଭୃଷଙ୍ଗ ପତ୍ର ଛୁଙ୍କ କରି ଓଡିଆ ଘରର ମହିଳାମାନେ ପଖାଳ ପ୍ରସ୍ତୁତ କରିଥାନ୍ତି। ଖରା ଦିନରେ ପଖାଳ ସତେ ଯେପରି ଅମୃତ । ପ୍ରତିଟି ଓଡିଆଙ୍କ ପ୍ରିୟ ଖାଦ୍ୟ ପଖାଳ ହୋଇଥିଲେ ବି ଖରାଦିନ ଆସିଲେ ପଖାଳର ଚାହିଦା ବଢିଯାଏ। ସାରାଦିନ ଖରାରେ କାମ କଲେ ବି ଦେହମନକୁ ଥଣ୍ଡା ରଖିବାରେ ଅମୋଘ ଅସ୍ତ୍ର ହେଉଛି ବାସୀ ପଖାଳ । କଟକ, ଭୁବନେଶ୍ୱର ତଥା ବଡବଡ ସହରମାନଙ୍କରେ ଛୋଟ ହୋଟେଲ ଠାରୁ ଆରମ୍ଭ କରି ପଞ୍ଚତାରକା ହୋଟେଲମାନଙ୍କରେ ପଖାଳ କଂସାର ଭିଡ ଖରାଦିନେ ବଢେ । ସହର ଚାକଚକ୍ୟ ଏବଂ ଦେଶୀବିଦେଶୀ ଖାଦ୍ୟପେୟ ଭିତରେ ବି ଲୋକେ ପଖାଳ ଖୋଜୁଛନ୍ତି । ତେଣୁ ଓଡିଆଙ୍କ ପ୍ରିୟ ଖାଦ୍ୟ ପଖାଳ ମାଟି ପିଣ୍ଡାରୁ ଯାଇ ଏବେ ପଞ୍ଚତାରକା ହୋଟେଲର ଡାଇନିଂ ଟେବୁଲରେ ପହଞ୍ଚିଲାଣି । ପଖାଳକୁ ଜୀବନ ଧନ ଭାବରେ ବର୍ଣ୍ଣନା କରି କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକଙ୍କ ରଚିତ ଓ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ କଣ୍ଠରୁ ଦିନେ ଭାସି ଆସିଥିଲା ଏକ ମନଛୁଆଁ ଗୀତ, ଯାହା ପଖାଳ ଆସରରେ ମନରେ ଉଙ୍କି ମାରେ -ଆସ ଜୀବନ ଧନ ମୋର ପଖାଳ କଂସା, ସଜନୀରେ ତୋ ବିହୁନେ ଉଡିଲା ହଂସା।

ଆମ ପରମ୍ପରାରେ ଝିଅଟିଏ ବିବାହ କରି ଶାଶୂ ଘରକୁ ଯିବା ପୂର୍ବରୁ ସାହିପଡିଶା ଓ ସୂରୁଜମଇତ୍ରମାନେ ଖାଇବାକୁ ଡାକିଥାନ୍ତି ଯାହାକୁ ତୋରାଣି ପିଆ କୁହାଯାଏ । ବିବାହ ଉତ୍ସବ ପରେ ବର ଗାଧୁଆ ସାରି ନୂଆ ପୋଷାକ ପିନ୍ଧି ଭାଉଜ ବା ଶାଳିମାନଙ୍କ ସହ ପଖାଳ ଖାଇ ବରବିଦା ହେବାର ପରମ୍ପରା ଓଡିଆ ସଂସ୍କୃତିରେ ରହିଛି । ପଶ୍ଚିମ ଓଡିଶାର ଭାଇଜିଉନ୍ତିଆ ଓଷା ପରଦିନ ଭାଇମାନଙ୍କ ଦ୍ୱାରା ପରଷା ଯାଇଥିବା ପଖାଳ ଭଉଣୀମାନେ ଖାଇଥାନ୍ତି । ଓଡିଆ ଜାତିର ପ୍ରିୟ ଖାଦ୍ୟ ପଖାଳକୁ ଅଧିକ ଆକର୍ଷଣୀୟ କରିବା ପାଇଁ ୨୦୧୧ ମସିହା ଠାରୁ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ପଖାଳ ଦିବସ ରୂପେ ପାଳନ କରାଯାଉଛି । ତାରକା ହୋଟେଲ ସମେତ ବିଭିନ୍ନ ସଙ୍ଗଠନ ତରଫରୁ ମଧ୍ୟ ପଖାଳ ଦିବସ ପାଳନ କରାଯାଉଛି । ପଖାଳ ଦିବସ ଅବସରରେ ବିଭିନ୍ନ ହୋଟେଲ ପକ୍ଷରୁ ଆକର୍ଷଣୀୟ ଅଫରମାନ ପ୍ରଦାନ କରାଯାଉଛି । ବିଶେଷ କରି ସାମାଜିକ ଗଣମାଧ୍ୟମ ପଖାଳକୁ ଅଧିକ ଲୋକପ୍ରିୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । କେବଳ ଆମ ଦେଶ ନୁହେଁ ଆମେରିକା, କାନାଡା, ୟୁରୋପ ଆଦି ଦେଶମାନଙ୍କରେ ରହୁଥିବା ଓଡିଆମାନେ ପଖାଳ ଦିବସକୁ ଉତ୍ସବ ମନାଇ ବିଦେଶୀ ବନ୍ଧୁମାନଙ୍କୁ ପଖାଳରେ ଆପ୍ୟାୟିତ କରୁଛନ୍ତି । ତେଣୁ ବିଦେଶୀମାନେ ବି ପଖାଳର ମୋହରେ ପଡିଯିବା ପରି ଲାଗୁଛି । ପୁରାତନ କାଳରୁ ପଖାଳ ଓଡିଆଙ୍କ ଜନଜୀବନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ ବି ଏଯାଏ ଜି.ଆଇ ମାନ୍ୟତା ପାଇପାରିନାହିଁ କି ସେଭଳି କିଛି ଉଦ୍ୟମ ହୋଇନାହିଁ ।

ଭାବର ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସାରା ବ୍ରହ୍ମାଣ୍ଡର ଆସ୍ଥା ଓ ଆଧ୍ୟାତ୍ମିକତାର ପ୍ରତୀକ । ଜଗନ୍ନାଥ ସଂସ୍କୃତି ଯାହା ବିଶ୍ୱ ପାଇଁ ମାନବତାର ଏକ ପ୍ରେରଣାର ଉତ୍ସ । ଏହି ସଂସ୍କୃତିରେ ପଖାଳ ହେଉଛି ଏକ ଅବିଚ୍ଛେଦ୍ୟ ଅଙ୍ଗ । ମହାପ୍ରଭୁଙ୍କ ନିକଟରେ ଦୈନନ୍ଦିନ ଲାଗି ହେଉଥିବା ଛପନ ଭୋଗ ମଧ୍ୟରେ ପଖାଳ ଅନ୍ୟତମ। ଏହି ପଖାଳ ତୁଣ ସୁଆର ଓ ଥାଳି ସୁଆର ସେବକମାନେ ପ୍ରସ୍ତୁତ କରିଥାନ୍ତି । ପ୍ରତିଟି ଓଡିଆ ଯେପରି ପଖାଳ ପ୍ରିୟ ଭାବର ଠାକୁର ଶ୍ରୀଜଗନ୍ନାଥ ମଧ୍ୟ ସେପରି ପଖାଳପ୍ରିୟ। ଶ୍ରୀଗୁଣ୍ଡିଚାରୁ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ସମୟକୁ ଛାଡିଦେଲେ ବର୍ଷତମାମ୍ ଚତୁର୍ଦ୍ଧାବିଗ୍ରହଙ୍କ ପାଖରେ ପଖାଳ ଭୋଗ ଲାଗି ହୁଏ । ତେବେ ପଖାଳ ଏବେ ଅନ୍ତର୍ଜାତୀୟ ମାନ୍ୟତା ପାଇବାକୁ ଯାଉଛି।

# ସଂପ୍ରତି ଗଣମାଧ୍ୟମର ସ୍ଥିତି ଓ ଗତି



ହିମାଂଶୁ ଶେଖର ଆଚାର୍ଯ୍ୟ
ଅଧ୍ୟାପକ
ବାଲିକୁଦା ମହାବିଦ୍ୟାଳୟ,
ଜଗତସିଂହପୁର
ମୋ - ୯୪୩୮୧୭୭୯୧୨

ଗଣତନ୍ତ୍ର ଗଣମାନଙ୍କର ଶାସନ । ଗଣତନ୍ତ୍ର ଶାସନର ସଫଳତା ଜନମତ ଉପରେ ନିର୍ଭର କରେ । ଆହୁରି ସ୍ପଷ୍ଟ ଭାବେ କହିଲେ ଏହାର ସଫଳତା ପ୍ରକୃତରେ ସାର୍ଥକ ଜନମତ ଉପରେ ନିର୍ଭରଶୀଳ । ସେଥିପାଇଁ ଗଣତନ୍ତ୍ରର ସଂଜ୍ଞା ଦେବାକୁ ଯାଇ ଆମେରିକାର ସୁନାମଧନ୍ୟ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍ କହିଥିଲେ - "ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ଶାସନ"। ଗଣତାନ୍ତ୍ରିକ ଶାସନର ସ୍ଥପତିମାନେ ଗଣତନ୍ତ୍ରର ସଫଳତା ପାଇଁ ଚାରୋଟି ସ୍ତମ୍ଭ ଉପରେ ସମ୍ପୂର୍ଣ୍ଣ ଦାୟିତ୍ୱ ଥୋଇଦେଲେ । ସେଇ ସ୍ତମ୍ଭମାନଙ୍କ ଉପରେ ନିର୍ମାଣ ହେଲା ରାଷ୍ଟ୍ରର ସାମ୍ବିଧାନିକ ବ୍ୟବସ୍ଥା । ସେମାନେ ହେଲେ - ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଗଣମାଧ୍ୟମ । ପ୍ରଥମସ୍ତମ୍ଭଟି ରାଷ୍ଟ୍ର ପାଇଁ ନୀତି ନିର୍ଦ୍ଧାରଣ କରିବେ, ଦ୍ୱିତୀୟସ୍ତମ୍ଭ ନୀତିକୁ କାର୍ଯ୍ୟକାରୀ କରିବେ, ତୃତୀୟସ୍ତମ୍ଭଟି ନ୍ୟାୟ ବ୍ୟବସ୍ଥା ପାଇଁ ଦାୟୀ ରହିବେ ଓ ଚତୁର୍ଥସ୍ତମ୍ଭ ସତର୍କ ପ୍ରହରୀ ଭାବେ କାର୍ଯ୍ୟ କରିବେ । ଚତୁର୍ଥସ୍ତମ୍ଭ ଗଣମାଧ୍ୟମର ଉତ୍ତରଦାୟିତ୍ୱ ସବୁଠାରୁ ବେଶୀ । ଏକବିଂଶତମ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଯଥେଷ୍ଟ ଗୁରୁତ୍ୱ ରହିଛି। ଇଣ୍ଟରନେଟ୍ ଓ ବୈଦ୍ୟୁତିକ ଗଣମାଧ୍ୟମର ବହୁଳ ପ୍ରସାର-ପ୍ରଚାର ଗଣତନ୍ତ୍ରର ସୁରକ୍ଷାକୁ ଆହୁରି ଶକ୍ତ ଓ ଦୃଢ କରିପାରିଛି । ଏସବୁ ସତ୍ତ୍ୱେ ପ୍ରିଣ୍ଟିଂ ମିଡିଆ ତାର ସ୍ଥାନ ବଜାୟ ରଖିଛି । ବର୍ତ୍ତମାନ ସମୟରେ ଲୋକଙ୍କ ପାଖରେ ଆଉ କୌଣସି କଥା ଅଜଣା ହୋଇ ରହୁନାହିଁ । ଘରେ ବସି ରହି ସେ ଦୁନିଆର ଖବର କ୍ଷଣିକରେ ପାଇ ପାରୁଛି । ଗଣମାଧ୍ୟମ ନଥିଲେ ଲୋକେ ଆଖି ଥାଇ ଅନ୍ଧ ଓ କାନ ଥାଇ ବଧିର ହୋଇଯାଆନ୍ତେ । ପୂର୍ବକାଳରେ ଏ ସୁବିଧା ନଥିଲା । ତ୍ୱରିତ ଖବର ପଠାଇବାର କୌଣସି ମାଧ୍ୟମ ନଥିଲା। ତୁଣ୍ଡ ବାଇଦ ସହସ୍ରକୋଶ ବୋଲି ଲୋକମାନେ ଏବେବି କୁହନ୍ତି । ସେତେବେଳେ ତୁଣ୍ଡ ମାଧ୍ୟମରେ ଜଣକ ପାଖରୁ ଅନ୍ୟ ଜଣକ ପାଖକୁ ବା ବାଦ୍ୟଯନ୍ତ୍ର ସାହାଯ୍ୟରେ ବାଜା ବଜାଇ ଜନ୍ମମୃତ୍ୟୁ କି ମହୋତ୍ସବର ସୂଚନା ଜାଣିପାରୁଥିଲେ ।

ପୂର୍ବେ ହାତଗଣତି ସାମ୍ବାଦିକ ଥିଲେ। ସମ୍ବାଦପତ୍ର ସଂଖ୍ୟା ମଧ୍ୟ ବହୁତ କମ୍ ଥିଲା । ଏବେ କିନ୍ତୁ ସାମ୍ବାଦିକଙ୍କ ସଂଖ୍ୟା ଓ ସମ୍ବାଦପତ୍ରର ସଂଖ୍ୟା ଆଶାତୀତ ଭାବେ ବଢିଛି । ପ୍ରତିବର୍ଷ ନୂଆନୂଆ ଖବରକାଗଜ ବଜାରକୁ ଆସୁଛି । ଖବରକାଗଜ ଖବରକାଗଜ ମଧ୍ୟରେ ବିଭିନ୍ନ ଦିଗରୁ ପ୍ରତିଯୋଗିତା ଚାଲିଚି କଳେବରକୁ ନେଇ, ସଂଖ୍ୟାକୁ ନେଇ ନୂଆ ଢଙ୍ଗରେ ପରିବେଷଣକୁ ନେଇ । ପାଠକୀୟ ସ୍ୱୀକୃତିକୁ ମଧ୍ୟ ଚାଲିଛି ତୀବ୍ର ପ୍ରତିଯୋଗିତା । ପ୍ରତିଯୋଗିତା ହେବା ଭଲ, କିନ୍ତୁ ସକାରାତ୍ମକ ଭାବେ ହେବା ଦରକାର । ଏଥିସହିତ ସମାଜର ନିଚ୍ଛକ ଘଟଣା ଛୁଆ ବିକ୍ରି, ଅନାହାର ମୃତ୍ୟୁ, ଶିଶୁ ନିର୍ଯାତନା, ନାରୀ ନିର୍ଯାତନା, ଦୁର୍ନୀତି, ଭ୍ରଷ୍ଟାଚାର, ଶୋଷଣ, କଷଣ ଆଦି ପ୍ରସଙ୍ଗରେ ମଧ୍ୟ ପ୍ରତିଯୋଗିତା ହେବାର ଆବଶ୍ୟକତା ରହିଛି । ଗଣମାଧ୍ୟମ ଏସବୁ ଖବର ଦେଇ ଆମକୁ ସଚେତନ କରାଇବା ସହିତ ଆମ ଆଖି ଖୋଲି ଦେବାର ପ୍ରୟାସ କରିବା ଜରୁରୀ ହୋଇପଡିଛି । ଏହା ଏକ ସ୍ୱଚ୍ଛ, ନିର୍ମଳ ଦର୍ପଣ ସଦୃଶ । ସେଇଥିପଇଁ ଆଜି ଗାଁ ଗଣ୍ଡା ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ, କ୍ଷେତର ଚାଷୀଠାରୁ ଚା ଦୋକାନ, ପାନ ଦୋକାନ, ସେଲୁନ ଠାରୁ ଅରମ୍ଭ କରି ହୋଟେଲ, ରେଷ୍ଟୁରାଁ, ସରକାରୀ ଅଫିସ, ଶିକ୍ଷାନୁଷ୍ଠାନ ସମେତ ଛାତ୍ର, ଓକିଲ, ଶ୍ରମିକ ସକାଳ ହେଲେ ସମସ୍ତଙ୍କ ହାତରେ ଖଣ୍ଡିଏ ଖଣ୍ଡିଏ ଖବରକାଗଜ ଦେଖିବାକୁ ପାଇବେ। ତେଣୁ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ଗଣମାଧ୍ୟମ ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅଛି । ପୁରାଣଯୁଗରେ ଦେବର୍ଷି ନାରଦ ତିନିପୁର ଭ୍ରମଣ କରି ଖବରମାନ ପହଞ୍ଚାଉଥିଲେ । ବର୍ତ୍ତମାନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଆଉ ତିନିପୁର ଭ୍ରମଣ କରିବାକୁ ପଡୁନାହିଁ ଏ ଯୁଗରେ ଗଣମାଧ୍ୟମ ଦ୍ରୁତଗତିରେ ଆଗେଇଚାଲିଛି । ଲୋକମାନେ ନ ଜାଣିଥିବା ବାର୍ତ୍ତା, ନଶୁଣିଥିବା ଖବର ଏପରି ଭାବେ ଗଣମାଧ୍ୟମ ପ୍ରଚାରିତ ହେଉଛି ଯେ ଏହାର ମୂଳ କେଉଁଠି କେହି ଟେର ମଧ୍ୟ ପାଆନ୍ତି ନାହିଁ । ମୋବାଇଲ୍, କମ୍ପ୍ୟୁଟର୍, ଇଣ୍ଟର୍‌ନେଟ୍, ଡିଜିଟାଲ୍ କ୍ୟାମେରା ଓ ହ୍ୱାଟସ୍ ଅପ୍ ଯୁଗରେ ଗଣମାଧ୍ୟମର ପ୍ରତିନିଧିମାନେ ସହସା ଘଟଣା ଜାଗାରେ ପହଞ୍ଚି ସମ୍ବାଦ ଓ ଫଟୋଚିତ୍ର ସଂଗ୍ରହ କରିପାରୁଛନ୍ତି ତାହା ତତ୍‌କ୍ଷଣାତ୍ ସମ୍ବାଦପତ୍ର ମାଧ୍ୟମରେ ପ୍ରକାଶିତ ହୋଇପାରୁଛି। ତତ୍‌ସହିତ ଏହା ଯୁବ ସମାଜ ଉପରେ ବହୁତ ପ୍ରଭାବ ପକାଉଛି । ଆଜିର ଯୁବକମାନେ ଜୀବନ-ଜୀବିକା ପାଇଁ ରାହା ଖୋଜୁଥିବା ବେଳେ ସାମ୍ବାଦିକତା ତାଙ୍କ ପାଇଁ ଜୀବନ-ଜୀବିକାର ମାଧ୍ୟମ ହୋଇଛି।

ସାଂପ୍ରତିକ ସମୟରେ ଜୀବନ-ଜୀବିକାର ଦାୟିତ୍ୱ ବଢିବାରେ ଲାଗିଛି। ବିଚାର ବିଭାଗ, ମାନବିକ ଅଧିକାର ସୁରକ୍ଷା କମିଶନ ଓ ଅନ୍ୟାନ୍ୟ ସଂସ୍ଥାର ଉପସ୍ଥିତି ସତ୍ତ୍ୱେ ଗଣମାଧ୍ୟମର ଭୂମିକା ଅଧିକ ପ୍ରଭାବଶାଳୀ ମନେ ହେଉଛି । ବର୍ତ୍ତମାନ ଦେଶରେ ଅର୍ଥନୈତିକ ଅପରାଧ ବହୁଗୁଣରେ ବୃଦ୍ଧି ପାଇଛି। ଲାଞ୍ଚ, ଦୁର୍ନୀତି, କଳାଧନ ସୃଷ୍ଟି, ଗରିବଙ୍କ ଅର୍ଥର ବାଟମାରଣା, ଆର୍ଥିକ ସହାୟତାରେ ପାତର ଅନ୍ତର ଘଟଣାମାନ ଘଟିଚାଲିଛି । କେତେକ କ୍ଷେତ୍ରରେ ଗଣମାଧ୍ୟମର ଉଦ୍ୟମ ଅତି ପ୍ରଶଂସନୀୟ ମନେହୁଏ । ବିଗତ ଦିନରେ ଭ୍ରଷ୍ଟାଚାର ବିରୋଧରେ ଆନ୍ନା ହଜାରେଙ୍କ ଆନ୍ଦୋଳନ ଓ ନିର୍ଭୟା ଗଣ ବଳାତ୍କାର ଘଟଣାରେ ଗଣମାଧ୍ୟମର ଗୁରୁତ୍ୱକୁ କେହି ଅସ୍ୱୀକାର କରିବେନି। ସେହିପରି ନିକଟ ଅତୀତରେ ବ୍ୟାପମ୍ ଦୁର୍ନୀତି, ବାବାମାନଙ୍କ କଳାକାରନାମା, ବିହାର ଯୁକ୍ତ ଦୁଇ ପରୀକ୍ଷା ଟପ୍ପର ସ୍କାମ୍ , ଚିଟ୍‌ଫଣ୍ଡ ଓ ଓଲିଉଡରେ କାଷ୍ଟିଙ୍ଗ କାଉଚ୍ ପ୍ରସଙ୍ଗରେ ଗଣମାଧ୍ୟମର ଭୂମିକା ବେଶ୍ ପ୍ରଣିଧାନଯୋଗ୍ୟ । ଏହି ଭଳି ଅନେକ ଘଟଣାର ଅବତାରଣା କରାଯାଇପାରେ । କିନ୍ତୁ ବେଳେ ବେଳେ ସମ୍ବାଦପତ୍ରର ମାଲିକ ସରକାର, ପୁଞ୍ଜିପତି, ଶିଳ୍ପପତି ଓ ଅନ୍ୟାନ୍ୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିୟନ୍ତ୍ରଣରେ ରହିଗଲେ ସେଠାରେ ସତ୍ୟ, ନିର୍ଭିକ ଓ ନିରପେକ୍ଷ ସମ୍ବାଦ ପରିବେଷଣ ହୋଇପାରେ ନାହିଁ ଓ ଏଠାରେ ଗଣମାଧ୍ୟମର ସ୍ୱର ସଙ୍କୁଚିତ ହୋଇଯାଏ । ରାଷ୍ଟ୍ରପ୍ରହରୀ ଯଦି ରାଷ୍ଟ୍ର ପାଇଁ ବିଶ୍ୱସ୍ତ ନହୁଏ ତାହେଲେ ଗଣତନ୍ତ୍ର ପ୍ରତି ବିପଦ ମାଡିଆସିବ । ଖାଲି ସେତିକି ନୁହେଁ ଅର୍ଥ ଉପାର୍ଜନ କରିବା ଲୋଭ ଆଜି ଗଣମାଧ୍ୟମକୁ କବଳିତ କରୁଛି । ଗଣତନ୍ତ୍ରର ମାଲିକ ଓ ସାମ୍ବାଦିକମାନଙ୍କ ପାଇଁ ଏହା ଏକ ବ୍ୟବସାୟିକ ପେଶା ହୋଇପଡିଛି । ବିଜ୍ଞାପନ ପାଇବା ଆଶାରେ ଓ ରୋଜଗାର ନିଶାରେ ଅପସଂସ୍କୃତିକୁ ଆମେ ଡାକି ଆଣୁଛେ । ବିଜ୍ଞାପନର ଅଶ୍ଳୀଳ ବାର୍ତ୍ତାରେ, ମନୋରଞ୍ଜନର କଦାକାର ରୂପରେ ଖବରକାଗଜର ପୃଷ୍ଠା ବଢିବାରେ ଲାଗିଛି । ଏହାର କୁପ୍ରଭାବ ଯୁବସମାଜ ଉପରେ ପଡୁଛି। ଏପରିକି ବ୍ଲାକମେଲ୍ କରି ଅର୍ଥ ଉପାର୍ଜନ କରିବା ନିଶା ଗଣମାଧ୍ୟମକୁ ଗ୍ରାସିଛି । ଫଳରେ ଏହା କେତେବେଳେ ଜଣକୁ 'ଜିରୋ' ରୁ 'ହିରୋ' କରିଦେଉଛି ତ ଆଉ କେତେବେଳେ ଜଣକୁ 'ହିରୋ' ରୁ 'ଜିରୋ' କରିଦେଉଛି। ନିରପେକ୍ଷ ସମ୍ବାଦ ପରିବେଷଣ ଦିନକୁ ଦିନ କମିବାରେ ଲାଗିଛି । ଗଣମାଧ୍ୟମ ଏବେ ସରକାରୀ କଳର ହାତବାରସି ହେବାକୁ ଲାଗିଲେଣି । ଫଳରେ ଗଣମାଧ୍ୟମର ଗାରିମା କ୍ରମଶଃ ହ୍ରାସ ପାଇଲାଣି ।

ଏବେ ବି ସମୟ ଅଛି ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଗଣମାଧ୍ୟମ ଆଗଭର ହୋଇ ଆସିବା ଦରକାର। ଏଥିପାଇଁ ସ୍ୱାର୍ଥର ଲାଳସା ପରିହାର କରିବାକୁ ହେବ। କିଏ ବା ନଜାଣିଛି ଏକଥା - "ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥୀ କଲେ, ଟାଣେ କିରେ ଗାଡି ଦାନାର ତୋବଡା ଘୋଡା ମୁହେଁ ବନ୍ଧାଥିଲେ ।" କିନ୍ତୁ ପ୍ରୟୋଗରେ ସବୁ ବ୍ୟତିକ୍ରମ । ଗଣମାଧ୍ୟମ ତାର ଦାୟିତ୍ୱ ସଠିକ୍ ଭାବେ ନିର୍ବାହ କଲେ ଏକ ସୁସ୍ଥ ସମାଜ ଓ ରାଷ୍ଟ୍ର ଗଠନ ହୋଇପାରିବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ପଖାଳ

ସାରଦା ପ୍ରସାଦ ଆଚାର୍ଯ୍ୟ



ଚଳଚ୍ଚିତ୍ର କାହାଣୀ ଭଳି ଲାଗୁଛି
ପଖାଳ ମାଲିକ ମାନେ ଏବେ
ଶୋଇ ଗଲେଣି ସୁଖ ନିଦ୍ରା ରେ ।
ଓହ୍ଲାଇ ଦେଲେଣି ରୋଗ, ଶୋକ
ପେଟେ ଧରି ଦି ମୁଠା ଚୁପୁଡା ଭାତ,
ତୋରାଣି କଂସେ ।

ମହୋତ୍ସବର ସବୁ ଅତିଥି
ମର୍ଣ୍ଣିଂ ଓ୍ୱାକରେ ବ୍ୟସ୍ତ ଥିବାବେଳେ ,
ଉଠ୍ ବସ୍‌ରେ ଝାଳ ବୁହାନ୍ତି ।

ହାଇ ବ୍ଲଡ୍ ପ୍ରେସର , ଡାଇବେଟିସ ପ୍ରେମରେ,
ଚୋରାଇ ନିଅନ୍ତି
ସଜନା ସାଗ, ଦି ପଟ ରୁଟି, ବିନା ତେଲଲୁଣର ଭାତହାଣ୍ଡି ।

ଖାଲି ଘୁରି ବୁଲନ୍ତି,
ଆମ ଗାଁ ମାଳି ବୁଢୀ ପଖାଳ ପାଖରେ,
ପଖାଳ ନିଶାରେ,
ପଖାଳର ପ୍ରେମପ୍ରଣୟରେ ।

ଯୋଡ଼ା -କେନ୍ଦୁଝର
୮୬୩୭୨୧୩୮୨୫

## ମୁଠାଏ ପଖାଳ

ବେବୀଲତା ଶତପଥୀ

ମାର୍ଚ୍ଚ ୨୦ ବିଶ୍ୱ ପଖାଳ ଦିବସ
ପୁର ପଲ୍ଲୀ ସାହି ନଗର
ଚାରିଆଡେ ଖୁସିର ମାହୋଲ
ପଖାଳ କଂସାର ଆଦର
ନ ତରକାରୀ ଛ ଭଜା
ଅଠର ଚଟଣୀ ପୋଡ଼ାର ଆସର ।

ସ୍କୁଲ କଲେଜରେ ପ୍ରତିଯୋଗିତା ବକ୍ତୃତାର
ସଭା ସମିତିରେ ସାର ଗର୍ଭକ ଭାଷଣ
ପଖାଳ କେମିତି
ରୋଗ ପ୍ରତିରୋଧକର ।

କିନ୍ତୁ ଜାଣନ୍ତି, ମତେ ଲାଗେ
ଏସବୁ ମୋ ଗରୀବ ପଣିଆର ଉପହାସ ?

ସ୍ୱାଭିମାନର ପ୍ରଶ୍ନ
ଅଭିମାନର ନିଲାମ ।

ପ୍ରଚଣ୍ଡ ଖରା ଢୁ ଢୁ ବର୍ଷା
ହାଡଭଙ୍ଗା ଶୀତରେ
ଦିନ ତମାମର ଝାଳ ବୁହା
ଲହୁ ଲୁହାଣ ପରିଶ୍ରମ ପରେ
ଯିଏ ଭୋକର ଜ୍ୱାଳା ସମ୍ଭାଳିଚି
ପେଟର ଦାଉକୁ ବୁଝିଚି
ସେ ଖାଲି ମୋର ପଖାଳ କଂସା ।

ସେଠି ନ ଥାଏ ବ୍ୟଞ୍ଜନର ସମାହାର
ଫଟା ରସ ଗିନାଟି ଭରା ଦିଶୁଥାଏ
କଞ୍ଚା ଲଙ୍କା, ପିଆଜ ଆଉ ଲୁଣର ।

ଖୋଜା ପଡ଼େନି ଟକମକ ଫୁଟୁଥିବା
ଭାତ ହାଣ୍ଡିର ବାସ୍ନା
ଅଣ୍ଟାଳି ଥାଏ ତିନି ଦିନର ବାସିପଖାଳ
ଯାହା ବି ହେଉ ଉଦର ଶାନ୍ତ ହେବାର ନିଶା ।

ପଖାଳ ଦିବସ ଧନୀ ଟେବୁଲର
ଆଶାର ପରିତୃପ୍ତି
ଆନନ୍ଦର ପରିଭାଷା
କିନ୍ତୁ
ଗରୀବର ଅଶ୍ରୁର କବିତା
ଦିନ ମଜୁରିଆର ଦୈନିକ ବାର୍ତ୍ତା
ହେ ସମାଜ କର ନାହିଁ
ମୋ ଅଭାବୀ ପଣିଆର ମୁଳ ଚାଲ
ସେ ପରା ମୋର ଚିର ସହଚର
ମୋ
' ମୁଠାଏ ପଖାଳ'

କେ -୪, କଳିଙ୍ଗ ବିହାର
ଭୁବନେଶ୍ୱର ।

## ହୃଦୟ

ରମାକାନ୍ତ ଦାସ



ହୃଦୟ ଏମିତି ଏକ ପୃଷ୍ଠାଟିଏ
ଲିଭେନାହିଁ ସେଠୁ ସ୍ମୃତି
ପ୍ରତିଟି ପୃଷ୍ଠାରେ ଅଙ୍କିତ ଅତୀତ
କନ୍ଦାଏ ସେ ଦିନରାତି ।।

ମୁକୁଳି ପାରେନି ସେ ଦରଦରୁ
ଛଟପଟ ହୁଏ ପ୍ରତିଦିନ
ଅତୀତର ସ୍ମୃତିକୁ ସାଇତି ରଖି
କାନ୍ଦୁଥାଏ ରାତିଦିନ ।।

ଅନେକ ଯନ୍ତ୍ରଣା ଯାତନା ସବୁକୁ
ଛାତିତଳେ ଚାପିଦିଏ
ସ୍ମିତହାସ୍ୟର ଝଲକ୍ ଦେଇ
ବିରହରେ ଜଳୁଥାଏ ।।

କୋହର ଯନ୍ତ୍ରଣା ଚାପିରଖି ସବୁ
ଆପେଆପେ ଭାଙ୍ଗିଯାଏ
ଛଳନା ପ୍ରହାର ସହିଯାଇ ସବୁ
ନିରବରେ କାନ୍ଦୁଥାଏ ।।

ଦୁଃଖ ଓ ସୁଖର ସମାହାରରେ
ଏଇ ମୋ ହୃଦୟ
ଅନେକ ଯାତନାକୁ ସହିଯାଇ ସେ
କରେ ମିଛ ଅଭିନୟ ।।

ନନ୍ଦିଗ୍ରାମ , ନାଉଗାଁ,
ଜଗତସିଂହପୁର
ମୋ-୯୬୬୮୮୧୫୩୬୯

## ।। ବାପା ।।

ସୁଜିତ କୁମାର ମିଶ୍ର

ଅଙ୍ଗରୁ ଅଙ୍ଗାର ଯାଏ
ବାପା ଏକ ଅଲିଭା ରଙ୍ଗ,
ସ୍ପନ୍ଦନରୁ ପାଉଁଶ ଯାଏ
ବାପା ଏକ ଅଲୌକିକ ତରଙ୍ଗ ।

କଥାରେ କଥାରେ ବାପା
ପାଲଟନ୍ତି ଚାଟଶାଳୀ ଶିକ୍ଷକ,
ସ୍ୱପ୍ନିଳ ପୁରୁଷ,
ସେ ଆକଟର କୁହୁକ ବାଡିରେ
କଣ ଥାଏ କେଜାଣି
ଝରୁଥାଏ ଆଶିଷର ଝିପିଝିପି ବର୍ଷା,
ଆନନ୍ଦର ମଳୟ,
କୋମଳ ହୃଦର କୁହୁତାନ,
ଲଳିତ ରାଗର ସଙ୍ଗୀତ ପରି
ବାପାଙ୍କ ଉଚ୍ଚାରଣ ତେଣୁ ତ ବିଦଗ୍ଧ ଭୋକ ।

ରାତିର ଅନ୍ଧାର ଚିରି
ବିଚ୍ଛୁରିତ ହୁଏ ସୂରୁଜ ଆଲୋକ,
ବାପା ତ ଅନ୍ଧାରକୁ ମାଖି ହୋଇ
ଆଲୋକ ଦେଉଥିବା ଏକ
ନିରସ୍ତ୍ର ନୀରବ ସୈନିକ,
ବାପାଙ୍କୁ ଚିହ୍ନିବାରେ ତ
ଠକିଯାଏ ଏଠି ଆଖି,
ନହେଲେ କାହିଁକି ଆଡମ୍ବରୀ ସଂସାରେ
ଶ୍ରାବଣ ପରି ଦରଦୀ ନୁହେଁ
ରକ୍ତ ସମ୍ପର୍କର ଲୁହତକ ?

ସମୁଦ୍ର ଗର୍ଭରେ ଥାଏ ଝଲମଲ କରୁଥାଏ
ଅସରନ୍ତି ମୋତି,
ଆକାଶ ଛାତିରେ ଶୋଭୁଥାଏ
ନୀଳ ନୀଳିମାର ଅନୁପମ ଚିତ୍ରପଟ,
ପ୍ରକୃତିର ଏମିତି ଅନବଦ୍ୟ ସୃଷ୍ଟି ବାପା,
କେଉଁ ରମ୍ୟ ଚିତ୍ରକରର ତୂଳୀ ବି
ତାଙ୍କୁ ଆଙ୍କିବାକୁ ଅକ୍ଷମ,
ପାଖଣ୍ଡି ଦୁନିଆଁରେ ସେ ତ
ମହମହ ବାସୁଥିବା ଫୁଲ ଚାଙ୍ଗୁଡିର ପ୍ରୀତି ।

ଝଡ ତୋଫାନରେ
ଭାଙ୍ଗୁଥିବା ଘରକୁ ଘନଘନ
ସଜାଡୁଥିବା ଜୀବନ୍ତ ଦେବତା ସେ,
ଖୋଲାମେଲା ଝରକା, ଦ୍ୱାରର ଦେହ ସେ,
ସଭିଙ୍କୁ ସଜଉଥିବା ମଣିଷ
ସ୍ୱୟଂ ଉପେକ୍ଷିତ ହଡା ବଳଦ ପରି ନିଷ୍ପେସିତ,
କାକର ଲୁହର କୋହ,
ତଥାପି ସେ ମନ ମନ୍ଦିରରୁ
କାହିଁ କେତେ ଦୂର ଚନ୍ଦନ, ତୁଳସୀ ବାସେ ।

ଦେଖ ତ ଜହ୍ନରାତିର ନାୟକ
କେମିତି ମୁଣ୍ଡରୁ ତଳିପାଯାଏ
କାହା ରଙ୍ଗୀନ ସ୍ୱପ୍ନରେ କ୍ଷତାକ୍ତ,
ବୟସ କେଞ୍ଚୁଛି ତୁହାକୁତୁହା,
କଞ୍ଚା ଯୌବନର କୁହାଟରେ କାଳିର
ଚନ୍ଦନ ଚର୍ଚ୍ଚିତ ସ୍ୱର ନିସ୍ତେଜ,
ମଡା ପ୍ରାୟ ସଜ ଶେଜ,
କଳାପାହାଡର ଦୌରାତ୍ମ୍ୟ ପରି
ଭୁଲୁଣ୍ଠିତ ତାଙ୍କ ସ୍ନିଗ୍ଧ ବାପାପଣର ଅମୃତ ତେଜ ।

ତମାମ୍ ଜୀବନ ଦାନବୀର
ଗୋଟିଏ ଦିବ୍ୟପ୍ରାଣରୁ
ଏବେ ତ ତମସାର ନଈ,
ଏ ଦୁଃଖର ପାହାଡକୁ ଭେଦିବାକୁ
ଏଠି ପ୍ରେମର ଜ୍ୟୋତି କାହିଁ ?

ବାପା ତୁମେ ଚିର ଦୁଃଖୀ ବୋଲି
ବୋଧହୁଏ
ବଡଦାଣ୍ଡର ସେଇ ଧନଧାନ୍ୟ ଭରା
ଅଦ୍ଭୁତ ଶ୍ରଦ୍ଧାର ଚୋରାବାଲି ।

ବାପା ଜୀଅଁନ୍ତି, ମରନ୍ତି
ଛାତିରେ ବି ଆକାଶ ରଙ୍ଗରେ
ଅଧିଷ୍ଠିତ ହୁଅନ୍ତି ।



ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର, ମୋ-୭୬୮୩୮୬୭୭୪୨

## କେବେ କେବେ

ସୁବ୍ରତ କୁମାର ଜେନା

ହାରିବାର ଭୟରେ ମୁଁ ଫେରିନଥିଲି ନୀଡ଼କୁ
ସମସ୍ତଙ୍କୁ ଦିନେ ଫେରିବାର ଅଛି
ଏ ନୀଡ଼ରୁ ସେ ନୀଡ଼କୁ
କିଏ ଆଗ କେତେବେଳେ କିଏ ପଛ
ଯଦି କିଏ ଆଗ ଫେରିଗଲା !
ତା ମାନେ ସେ କଣ ଭୀରୁ, ପଳାତକ ?
କଦାପି ନୁହଁ
ତେଣିକି ଏ ଦୁନିଆଁ ତାକୁ କଳଙ୍କର ଆଖ୍ୟା ଦେଉ ।

ଏବେ ଏବେ ତ ଅମାବାସ୍ୟା ସରିଛି
ଏଇ ଦେଖୁନ ଜହ୍ନ ଆସୁଛି ଆଉ ଯାଉଛି
ଲୁଚି ଲୁଚି ଧୀରେ ଧୀରେ ଦୂର ଆଢୁଆଳରେ
ତେବେ ତୁମେ କଣ ତାକୁ ନାଁ ଦେଇ ପାରିବ ପଳାତକର !
କେବେ ନୁହଁ ସେ ତା ଜାଗାରେ ଠିକ
ଆଉ ଏ ଭାବନାକୁ କିଏ ଅଟକାଇ ପାରିବ ?
ଏ ଭାବନା ଏ ତ ଲଗାମ ବିହୀନ ଘୋଡାଟିଏ
ଯେତେ ବେଳେ ଇଚ୍ଛା ସେ ଧସେଇ ପଶିବ
ଏଇ ମନର ରାଇଜରେ
ଏମିତିରେ ତୁମେ କେମିତି ବାନ୍ଧିପାରିବ ତାକୁ ତା ପାଦରେ ବେଡି ଦେଇ !

ଏତେ ଦିନ ପରେ ଆଜି ମନ ଆକାଶରେ ବର୍ଷା
ଏ ବର୍ଷା ବି ସେମିତି ଆସିବ ଆସିବ ହେଲେ ଆସେ
ଆଉ ଅଚାନକ ଦିନେ ଏମିତି ଆସେ
ସମସ୍ତେ ଗୋଟାପଣେ ଓଦା ହୁଅନ୍ତି
କିଏ ଜାଣି ଜାଣି ଆଉ କିଏ ଅଜାଣତରେ
ତଥାପି ସେ ଉନ୍ମାଦନ ଭରେ
ସଂଚରି ଯାଏ ଏ ହୃଦୟରୁ ସେ ହୃଦୟ ଯାଏ
କେତେଯେ ସମୟ ମତୁଆଲା ହୁଅନ୍ତି ତା ପାଇଁ
କେତେ ଭଅଁର ଉଡି ଆସନ୍ତି ଫୁଲ ପାଖକୁ

ସେ ଅଜଣା ଅକର୍ଷଣରେ ପଡି
ଗୋଟେ ମିଠା ବଦନାମକୁ ମୁଣ୍ଡାଇବାକୁ
କିଏ କିଏ ଆଖ୍ୟା ଦିଏ ପ୍ରବଂଚକ
କାହା ଭାଷାରେ ଲମ୍ପଟ ଆଉ କିଏ କହେ ପ୍ରତାରକ
ଏମିତିରେ କିଏ କଣ ଅଟକି ପାରିବ ସେ
ଇନ୍ଦ୍ରିୟ ମାନଙ୍କ ଲୁଚା ଛପା ଖେଳରୁ
ଆଉ ଗୋଟେ ମହାପୁରୁଷର ବିଶେଷତ୍ୱ ନେଇ ।।।



ଶୂରଡିହ , ନନ୍ଦିପୁର, ଯାଜପୁର
ମୋ-୯୭୭୬୨୦୮୯୩୦

## ଫଗୁଣ ଆସିଛି

କୁନଲତା ତ୍ରିପାଠୀ

ଫଗୁଣ ଆସିଛି ଫୁଲ ସବାରୀରେ ମହକ ରୋଷଣୀ ନେଇ
ଚଉଦିଗ ଆଜି ବାସିଉଠୁଅଛି ଭାବ ବିନୋଦିଆ ପାଇଁ ।୦।
ଉଠୁଛି ପଡୁଛି ଘର ଅଗଣା ବାଜିଉଠୁଅଛି ପ୍ରୀତି ବାଜଣା
କୋଇଲିର କଣ୍ଠେ ମଧୁ ଗୀତିକା ଫୁଟିଉଠିଅଛି ନବ ମଲ୍ଲିକା
ବଉଳ ଭାରରେ ଆମ୍ରକୁଂଜ ସତେ ଭାବେ ଯାଉଛି ଲାଜେଇ ।୧।
ସରମେ ବହଇ ମୃଦୁ ମଳୟ ଫୁଲଶର ତା'କୁ କରେ ଅଥୟ
ପ୍ରଜାପତି ଉଡେ ଫୁଲରୁ ଫୁଲ ସରାଗେ ପରଶ ଅମୂଲ ମୂଲ
ଅନୁରାଗ ରଂଗ ମାଖିହୋଇ ମୁଖେ ଛବିଳେ ଛଇଳ କହି ନୁହଇ ।୨।
ରସିକ ନାଗର ରାସର ବେଳା ରାଧା ମାଧବଙ୍କ ଏ ଦିବ୍ୟ ଲୀଳା
ଫଗୁଖେଳେ ମାତି କଳା କହ୍ନାଇ ପଞ୍ଚମ ତାନେ ମୂରଲୀ ବଜାଇ
ରଙ୍ଗ ରସେ ଆହା ଭାବରେ ବିଭୋର ଗୋପନାରୀ ମନ ନେଇ ।୩।
ଭୁଲିଯିବା ଯେତେ ଦୁଃଖ ଯଂତ୍ରଣା ପରମ ପ୍ରେମେ ହୋଇ ଆନମନା
ରାସେଶ୍ୱର ରସେ ଖୁସିରେ ଭିଜି ତମାମ ଜୀବନ ଯିବାରେ ମଜି
ଦି' ଦିନର ଏଇ ଦୁନିଆଁ ବୁକୁରେ ଜୀବନକୁ ରଂଗ ଦେଇ ।୪।



କଟକ, ଫୋନ ୮୩୩୯୦୫୧୧୭୩

## ଖୋଲିଦିଅ ଦ୍ୱାର ସଖା

ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ

ଖୋଲିଦିଅ ଦ୍ୱାର ସଖା
ଚାରିଆଡେ ରଙ୍ଗ ଅବିରର
ବିଞ୍ଚି ହୋଇ ପଡିଲାଣି
ବାର୍ତ୍ତା ଆସେ ଚୁତ ବକୁଳର
କେଉଁଠି କେମିତି ଦେଖ ହସୁଛି ପଳାଶ
ନାମହୀନ ସୁରଭିରେ ପୁରିଛି ଆକାଶ ।
ଖୋଲ ସଖା ଖୋଲିଦିଅ ଦ୍ୱାର
ଆକୁଳ ଅନ୍ତର ତଳେ
ମୁକୁଳିତ ଅନେକ କାମନା
ବୟସୀ ଡେଣାରେ ମୋର
ସୁନା ରୂପା କେତେ ଆଳପଣା
କେତେ ଚିତ୍ର ପଟ୍ଟଚିତ୍ର
ଅବା ନିଶା କେତେ ଜୀବନର
ପୁରୁଣା ହୋଇବା ଆଗୁଁ
ଖୋଲ ସଖା ଖୋଲି ଦିଅ ଦ୍ୱାର
ସଜାଡି ସାଇତି ଦିଏ ଏ ସାରା ସଂସାର ।
ଦ୍ୱାର ଖୋଲ ! ଦ୍ୱାର ଖୋଲ ସଖା !
ଅନନ୍ତ ଯୌବନ ନୁହେଁ ମୋ ଭାଗ୍ୟରେ ଲେଖା
ମୁଁ ମାଟିରେ ବୀଜ ହୋଇ ସଞ୍ଚରିଛି
ଖାଲି ତୁମ ପାଇଁ
ମାନବ ଦେହ ଧରିଛି
କୋଟି କୋଟି ଯୋନି ପାରି ହୋଇ
କେବେବି ଫେରିବି ନାହିଁ ଏ ଦ୍ୱାର ପାଖରୁ
ବୋଲି ଦେଇ ସ୍ନିଗ୍ଧ ଅନୁରାଗ
ଖୋଲ ସଖା ! ଖୋଲିଦିଅ ସଯତନେ ଦ୍ୱାର
ଏଇ ଆଦ୍ୟ ଏଇ ଶେଷ ଥର
ଅନ୍ତ ହେଉ ଦୀର୍ଘ ପ୍ରତୀକ୍ଷାର ।



ଭୁବନେଶ୍ୱର
ଫୋନ୍ - ୮୮୯୫୨୭୪୭୯୪

## ଶେଷ ଦଲିଲ

ନାରାୟଣ ପ୍ରସାଦ ରାଉଳ

ଜୀବନ ରାସ୍ତାରେ ଚାଲୁ ଚାଲୁ
ପ୍ରାପ୍ତି ବେଳେ ବେଳେ ପ୍ରଶ୍ନ କରେ
ଜୀବନ ଅଙ୍କ କଷାର
ଦମ ଆଉ ଦାମ୍
କର୍ମ ଓ କାରଣ,
ସମୟ କହେ କିଏ
କେତେ ମୂଲ୍ୟ ଅମୂଲ୍ୟ,
କେବେ ଦୋଛକିର ଦ୍ୱନ୍ଦ୍ୱ
ଆମନ୍ତ୍ରଣେ ଦୁଃଖ,
ନିର୍ଦ୍ୱନ୍ଦେ ସଳଖ,
ଆନନ୍ଦ ଉପଭୋଗର ବାସ୍ନା ,
ଏଇମିତି ବାସ୍ତବ ଉପଲବ୍ଧି
ଗୋଟେ ଗୋଟେ
ବିରଳ ଅନୁଭବ ସତରେ,
ସାଗର ଲହରୀ ପରି
ଛୁଇଁ ଯାଏ ମନ ଆଉ ହୃଦୟ
କେବେ ନର୍କର ଯନ୍ତ୍ରଣା
ପୁଣି କେବେ ନର୍କରୁ ନିର୍ମାଲ୍ୟ ବି
ସାଉଁଟି ବାକୁ ପଡିଥାଏ,
ଏବେ ଦେଖୁନ ଜଡବାଦ କିପରି
ଗିଳିଛି ଭାବବାଦର ଦୁନିଆ,
ଏଠି ଚଳଣିର ରୀତି ଅପେକ୍ଷା
ମାନାଙ୍କ ପଲା ଭାରି ଲାଗେ
ସମ୍ପର୍କ ମରୁଡ଼ି
ଶ୍ରଦ୍ଧା ଆଉ ଆଦର୍ଶ ସ୍ୱପ୍ନ ,
ସ୍ନେହ ପ୍ରେମ କାଙ୍ଗାଳ ମଣିଷଟିଏ
ମାନବିକତା ଖୋଜେ
ଅସହାୟରେ,
କେତେ ଦେଲି ଆଉ ପାଇଲି
ଲାଭ ଓ ଲୋଭରେ,
ଭୁଲି ଯାଇ ଥାଏ ଆୟୁ
ମୋହଗ୍ରସ୍ତ ପଥିକଟିଏ ହେଇ
ମୁଲ୍ୟବୋଧ ଜୀବନର,
ଦୁଃଖକୁ ସିନ୍ଦୂର ଟିକିଲି ଚନ୍ଦନ ପରି ପିନ୍ଧେ କପାଳରେ,
ଯେବେ ପ୍ରକୃତିସ୍ଥ ହେଇ
ଦୂର ଅତୀତକୁ ଫେରେ
ଭାବେ ତା' ଭିତରର ମଣିଷ ପଣିଆ
ଥିଲା କେତେ ସରଳ ଓ ନିଷ୍କପଟ ସତରେ,
ଧ୍ୱନିର ପ୍ରତିଧ୍ୱନି ଥାଏ
ଗୁଣ ଲେଖେ ଅମରତ୍ୱର କାହାଣୀ
ଅଳିକ କ୍ଷଣ ଭଙ୍ଗୁର ସଂସାରେ,
ଦର୍ପଣ ଆଗରେ
ଠିଆ ହୁଏ ନିସଙ୍ଗତା
ଧିକ୍କାରେ ମୁଁ ମଣିଷ !
ଲେଖିବସେ ଦଲିଲ୍ କେତେ
ଖସିଛି ଏଇ ଜଡବାଦର ମାୟାରେ
ଆସିଥିଲା ଏକା ଏକା ଯିବ ମଧ
ସାଥିହୀନ ଭାବରେ,
ସବୁ ସ୍ଥାବର ଅସ୍ଥାବର ପଛରେ
ଥୋଇ ରିକ୍ତ ହସ୍ତରେ ।



କଷଣଅଣ୍ଟା
ପଟ୍ଟାମୁଣ୍ଡାଇ, କେନ୍ଦ୍ରପଡା, ଓଡିଶା





# ଦିନ ସରେ...
# ଅଥଚ କଥା ରହିଯାଏ...

**ଆ**ଧୁନିକ ଯୁଗର ଏ ବୈଷୟିକ ବିଶ୍ୱ ଓ ତା'ର ନିରାସକ୍ତ ପ୍ରଗତି ଏବେ ଶେଷ ପାହାଚରେ। ଚତୁର୍ଦ୍ଦିଗରେ ନୟନ ସାର୍ଥକ କେବଳ ମନୋହାରୀ ଖେଳନାର ଭଙ୍ଗା-ତୁଟା ମେଳନ, ଯାହା ଦେଖି ତାହା ଆଜିକ ଦେଖି-ପରେ ନଥାଏ। ଜୀବନ-ପ୍ରାଣଶକ୍ତି ନଥିବା ପ୍ରତ୍ୟେକଟି ଚିଜର ଆୟୁଷ ନଥାଏ କି ଆନନ୍ଦ ବି ନଥାଏ। ପ୍ରାଚୁର୍ଯ୍ୟର ଏ ମନୋରମ ସଂସାର କେବଳ ଆଧ୍ୟାତ୍ମର ସ୍ୱରୂପକୁ ନେଇ ବଞ୍ଚେ। ଆନନ୍ଦ-ନିରାନନ୍ଦର ମୃଦଙ୍ଗ ଅହରହ ବାଜେ-ଜୀବ, ପରମ ସତ୍ତାରେ ଲୀନ ହେବାକୁ ସଦାକାଳ ଭଜୁଥାଏ। ତାହାହିଁ ମୋକ୍ଷ ପ୍ରାପ୍ତିର ଏକ ସୁନ୍ଦର ସଂରଚନା, ଆଉ ସବୁ ବିଷାଦ-ବିବଶ-ଆତଙ୍କର ଲୁହ ଝରା ଖେଳ। ଯେଉଁ ଖେଳର ବାରୁଦ ପର୍ବତରେ ଠିଆ ହୋଇଛି ଏବେ ବିଶ୍ୱ। ତାରକା ଯୁଦ୍ଧର ଘମାଘୋଟ ସମର ତା'ପରେ ସର୍ବଶେଷ ବ୍ରହ୍ମାସ୍ତ୍ର-ପରମାଣୁ ବୋମାର ତାଣ୍ଡବ ତା'ର ଲୋଳିତ ଜିହ୍ୱା ବିସ୍ତାର କରି ସମଗ୍ର ବିଶ୍ୱକୁ ଗ୍ରାସ କରିବାକୁ ଅନେଇ ରହେ ।

ତାହା ହିଁ ଘଟିବ-ଅବଶେଷରେ! ଧ୍ୱଂସ ସ୍ତୁପରେ ପରିଣତ ହେବ ବିଶ୍ୱ ! ଅତୀତର ଏ ମନୋରମ ପୃଥିବୀ ଦିନେ ହୁଏତ ମଣିଷର ଏଇ ନଖରାମୀରୁ ରସାତଳଗାମୀ ହେବ ହିଁ ହେବ !!

ଅଥଚ ସେଇ କାଳଜୟୀ ଜୀବନୋଜ୍ଜ୍ୱଳ ସାହିତ୍ୟ ଓ ତା'ର ମଧୁର ସଂରଚନାରେ ଆତ୍ମ ପ୍ରସାଦ ଲଭୁଥିବା କୋଟୀ ଜୀବନ ମନସ୍କ ସର୍ଜନା କାରର ଶଙ୍ଖ ପ୍ରାର୍ଥନାର ଯେ ଜୟ ହେବ ଏହା ହିଁ ଆମ 'କଥା କଳିକା'ର ମର୍ମବାଣୀରୁ ବୁଝାପଡ଼େ ।

ତେଣୁତ ସେଇ ମଧୁର ସୁଖଦ ମୁହୂର୍ତ୍ତ ମାନଙ୍କର ସ୍ମୃତି ସବୁକୁ ଆମେ ପରଷି ଦେଉଛୁ ଆମ ପ୍ରିୟ ପାଠକ ବର୍ଗଙ୍କ ପାଇଁ ଏଠାରେ ...























# ପ୍ରତିଶ୍ରୁତି ଅନୁଯାୟୀ ୩୦୦ ୟୁନିଟ ମାଗଣା ବିଜୁଳି ତୁରନ୍ତ ଲାଗୁ କର :ବିଜେଡି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବା ପରଠାରୁ ବିଜୁଳି ସମସ୍ୟା ଉତ୍କଟ ହେବାରେ ଲାଗିଛି । ବିଦ୍ୟୁତ ବିତରଣ କମ୍ପାନୀ ଟାଟା ପାୱାର ଓ ଓଇଆରସି ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ରାଜ୍ୟର ବିଦ୍ୟୁତ ଉପଭୋକ୍ତାମାନେ ହନ୍ତସନ୍ତ ହେଉଥିବା ବେଳେ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ବିଜୁ ଜନତା ଦଳ ତରଫରୁ ଅଭିଯୋଗ କରାଯିବା ସହିତ ଆସନ୍ତା କାଲି ଓଡିଶା ବିଦ୍ୟୁତ ଉପଭୋକ୍ତା ମହାସଙ୍ଘ ଦ୍ୱାରା ଲୋୟର ପିଏମଜି ଠାରେ ହେବାକୁ ଥିବା ଗଣ ବିକ୍ଷୋଭକୁ ସମର୍ଥନ ଘୋଷଣା କରିଛି । ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବିଜେଡି ମୁଖପାତ୍ର ଶ୍ରୀ ଭୃଗୁ ବକ୍ସିପାତ୍ର ଓ ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଟାଟା ପାୱାର କମ୍ପାନୀର ଉପଭୋକ୍ତା ଶୋଷଣ ନୀତି ଓ ଏହାକୁ ରାଜ୍ୟ ସରକାରଙ୍କ ନିରବ ସମର୍ଥନ ବିରୋଧରେ ବର୍ଷିଥିଲେ । ଶ୍ରୀ ବକ୍ସିପାତ୍ର କହିଥିଲେ, ରାଜ୍ୟରେ ବିଦ୍ୟୁତ ବିତରଣ ପାଇଁ ଚୁକ୍ତିବଦ୍ଧ ହୋଇଥିବା ଟାଟା ପାୱାର କମ୍ପାନୀ ଗତ କିଛି ମାସ ହେଲା ଚୁକ୍ତି ଖିଲାପ କରି ବିଦ୍ୟୁତ ଉପଭୋକ୍ତା ମାନଙ୍କୁ ଶୋଷଣ କରୁଛନ୍ତି । ରାଜ୍ୟରେ ପ୍ରତ୍ୟେକ ଉପଭୋକ୍ତାଙ୍କ ଘରେ ଟାଟା ପାୱାର ଦ୍ୱାରା ଜୋର ଜବରଦସ୍ତ ସ୍ମାର୍ଟ ମିଟର ଲଗା ଯାଉଛି । ଏହି ସ୍ମାର୍ଟ ମିଟର ମାଧ୍ୟମରେ ରାଜ୍ୟରେ ପ୍ରି ପେଡ ସିଷ୍ଟମ ଲାଗୁ କରାଯିବ । ମୋବାଇଲରେ ପଇସା ସରିଗଲେ ସେବା ବନ୍ଦ ହୋଇ ଯାଉଥିବା ପରି ସ୍ମାର୍ଟ ମିଟର ଲାଗିଥିବା ଉପଭୋକ୍ତା ମାନଙ୍କର ପଇସା ସରିଗଲେ, ବିଜୁଳି ସେବା ବନ୍ଦ ହୋଇଯିବ । ଏପରି ଅଦ୍ଭୁତ ବ୍ୟବସ୍ଥା ସମଗ୍ର ଭାରତ ବର୍ଷରେ ପ୍ରଥମ ଥର ପାଇଁ ଓଡ଼ିଶାରେ ଲାଗୁ ହେବାକୁ ଯାଉଛି । ବିଦ୍ୟୁତ ନିୟମାବଳୀ ପ୍ରସ୍ତୁତ କରିବା ପାଇଁ ଥିବା ଓଇଆରସି, ଉପଭୋକ୍ତା ମାନଙ୍କ ସମସ୍ୟା ପ୍ରତି କର୍ଣ୍ଣପାତ କରୁନାହାନ୍ତି। ଓଇଆରସିର ଅଧ୍ୟକ୍ଷ ପଦ ଖାଲି ପଡିଛି। ଅଧ୍ୟକ୍ଷ ପଦରେ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି । ଟାଟା ପାୱାର ଓ ଓଇଆରସି ମଧ୍ୟରେ ମଧୁ ଚନ୍ଦ୍ରିକା ଲାଗି ରହିଛି, ଉପଭୋକ୍ତା ମାନେ ଦୁର୍ଦ୍ଦଶା ଭୋଗୁଛନ୍ତି, ରାଜ୍ୟ ସରକାର ଗଭୀର ନିଦରେ ଶୋଇଛନ୍ତି।

ସେହିପରି ଡ଼ ମହାନ୍ତି କହିଥିଲେ, ବିଦ୍ୟୁତ ଉପଭୋକ୍ତା ମାନଙ୍କ ସମସ୍ୟା ଗୁଡିକର ସମାଧାନ ପାଇଁ ଓଡିଶା ଉପଭୋକ୍ତା ମହାସଙ୍ଘ ତରଫରୁ ଆସନ୍ତା କାଲି ଏକ ଗଣ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହାର ସଫଳ ଆୟୋଜନ ପାଇଁ ଆୟୋଜକ ମାନେ ଏକ ସର୍ବଦଳୀୟ ବୈଠକ ଆହ୍ୱାନ କରିଥିଲେ । ଏଥିରେ ବିଜୁ ଜନତା ଦଳ ଯୋଗ ଦେଇ ଏହି ଗଣ ବିକ୍ଷୋଭ କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସମର୍ଥନ ଜଣାଇଛି । ଉପଭୋକ୍ତା ମହାସଙ୍ଘ ତରଫରୁ ରାଜ୍ୟ ସରକାରଙ୍କ ସମ୍ମୁଖରେ ବିଭିନ୍ନ ଦାବୀ ରଖା ଯାଇଛି। ରାଜ୍ୟରେ ପ୍ରସ୍ତାବିତ ବିଜୁଳି ଦର ବୃଦ୍ଧିକୁ ତୁରନ୍ତ ପ୍ରତ୍ୟାହାର ପ୍ରମୁଖ ଦାବୀ ରହିଥିବା ବେଳେ ସ୍ମାର୍ଟ ମିଟର ବାତିଲ ହେଉ, ପାୱାରକଟ ବନ୍ଦ କରାଯାଉ, ବିଜେପିର ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ୩୦୦ ୟୁନିଟ ବିଜୁଳି ମାଗଣା ପ୍ରଦାନ କରାଯାଉ ଇତ୍ୟାଦି ଦାବୀ କରିଛନ୍ତି ।

# ସ୍ତ୍ରୀଙ୍କୁ ଭରଣପୋଷଣ ଦେବାକୁ ପଡିବ ବୋଲି ଛାଡି ଦେଲେ ଚାକିରି : ହାଇକୋର୍ଟଙ୍କ ଭର୍ତ୍ସନା

**କଟକ, ନ୍ୟୁଜ ବ୍ୟୁରୋ**



ସ୍ତ୍ରୀଙ୍କୁ ଭରଣପୋଷଣ ଦେବନି ବୋଲି ସ୍ୱାମୀ ଚାକିରି ଛାଡିଥିଲେ । ସ୍ୱାମୀ ବେରୋଜଗାର ବୋଲି ଦର୍ଶାଇ ଭରଣ ପୋଷଣ ଦେବା ସମ୍ପର୍କରେ ନିମ୍ନ ଅଦାଲତ ପ୍ରଦାନ କରିଥିବା ରାୟକୁ ଚାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ସ୍ତ୍ରୀ । ଆଉ ଉଚ୍ଚନ୍ୟାୟାଳୟ ଏହି ମାମଲାର ଶୁଣାଣି କରି ଆବେଦନକାରୀ ସ୍ୱାମୀଙ୍କୁ କଡା ଭର୍ତ୍ସନା କରିଛନ୍ତି । ଏହାସହ ନିମ୍ନ ଅଦାଲତଙ୍କ ରାୟକୁ ବଳବତ୍ତର ରଖିଛନ୍ତି । ଅର୍ଥାତ ଭରଣ ପୋଷଣ ନେଇ ନିମ୍ନ ଅଦାଲତ ଯେଉଁ ରାୟ ପ୍ରଦାନ କରିଥିଲେ ତାହାକୁ କାଏମ ରଖିଛନ୍ତି ହାଇକୋର୍ଟ । ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନମାଳିନ୍ୟ ଦେଖା ଯାଇଥିଲା ଏବଂ ବିବାହ ବିଚ୍ଛେଦ ହୋଇଥିଲା । ଗତ ୨୦୨୪ ଜାନୁଆରୀ ୨୦ ତାରିଖରେ ସ୍ତ୍ରୀ ଏବଂ ପିଲାର ଖର୍ଚ୍ଚ ପାଇଁ ଆର୍ଥିକ ସହାୟତା ବାବଦକୁ ମାସିକ ୧୫ ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ନିମ୍ନ ଅଦାଲତ । ଦମ୍ପତିଙ୍କ ମଧ୍ୟରେ ବିବାହ ବିଚ୍ଛେଦ ମାମଲା ଅଦାଲତରେ ଚାଲୁଥିବା ସମୟରେ ସ୍ତ୍ରୀ ଏବଂ ପିଲାର ଆର୍ଥିକ ସହାୟତା ପାଇଁ ଏହି ରାଶି ପ୍ରଦାନ କରିବାକୁ ନିମ୍ନ ଅଦାଲତ ଏହି ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସେହିପରି ମୋକଦ୍ଦମା ଖର୍ଚ୍ଚ ବାବଦକୁ ୧୦ ହଜାର ଟଙ୍କା ଦେବାକୁ ନିମ୍ନ ଅଦାଲତ ରାୟ ପ୍ରଦାନ କରିଥିଲେ । ମାମଲା ବିବରଣୀରୁ ଜଣା ପଡିଛି ଯେ, ମହିଳା ଜଣକ ଗତ ୨୦୧୬ ମସିହାରେ ଜବଲପୁର ପରିବାରିକ ଅଦାଲତରେ ବିବାହ ବିଚ୍ଛେଦ ପାଇଁ ଆବେଦନ କରିଥିଲେ । ଏହି ସମୟରେ ଉଭୟ ମା' ଏବଂ ପିଲାର ଭରଣପୋଷଣ ପାଇଁ ମାମଲା ରୁଜୁ କରିଥିଲେ। ଏହି ମାମଲା ଶୁଣାଣି ପାଇଁ ୨୦୧୮ ମସିହାରେ ରାଉରକେଲା ପରିବାର ଅଦାଲତକୁ ସ୍ଥାନାନ୍ତର ହୋଇଥିଲା।ସେ ନିଜର ସତ୍ୟପାଠରେ ଦର୍ଶାଇଥିଲେ ଯେ, ସେ ଗୋଟିଏ ବେସରକାରୀ ସ୍କୁଲରେ ଶିକ୍ଷୟିତ୍ରୀ ଭାବରେ କାମ କରନ୍ତି । ତାଙ୍କର ମାସିକ ରୋଜଗାର ୨୩ ହଜାର ୩୩୪ ଟଙ୍କା । କିନ୍ତୁ ସ୍ୱାମୀ ତାଙ୍କର ସତ୍ୟପାଠରେ ଦର୍ଶାଇ ଥିଲେ କି ସେ ବେରୋଜଗାର ଅଟନ୍ତି । ତାଙ୍କର ରୋଜଗାରର କୌଣସି ମାଧ୍ୟମ ନାହିଁ। ୨୦୨୩ ମାର୍ଚ୍ଚ ୧ ତାରିଖରୁ ସେ ବେରୋଜଗାର ଅଟନ୍ତି । ଏବଂ ତାଙ୍କ ଭାଇଙ୍କଠା ରୁ ସେ ୩ ଲକ୍ଷ ଟଙ୍କା ପର୍ସନାଲ ଲୋନ ନେଇଛନ୍ତି । ୧ ଲକ୍ଷ ଟଙ୍କା ତାଙ୍କ ଭଉଣୀଙ୍କଠାରୁ ଧାର ନେଇଛନ୍ତି । ତାଙ୍କର ଶିକ୍ଷାଗତ ଯୋଗ୍ୟତା ଇଲେକ୍ଟ୍ରିକାଲ ଇଂଜିନିୟର । ତାଙ୍କର ମାସିକ ଖର୍ଚ୍ଚ ୫ ହଜାର ଟଙ୍କା । ନିଜ ବାପାଙ୍କ ଔଷଧ ଖର୍ଚ୍ଚ ବାବଦକୁ ୨୬ ହଜାର ଟଙ୍କା ପ୍ରଦାନ କରୁଛନ୍ତି । ହାଇକୋର୍ଟ ଆଇନଜୀବୀ ଆଲୋକ ମହାପାତ୍ର କହିଛନ୍ତି, 'ନିମ୍ନ ଅଦାଲତଙ୍କ ଏହି ରାୟକୁ ଚ୍ୟାଲେଞ୍ଜ କରି ସ୍ୱାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ସ୍ୱାମୀ ଆବେଦନରେ ଦର୍ଶାଇଥିଲେ ଯେ ସେ ଚାକିରି ଛାଡି ଦେଇଛନ୍ତି ଏବଂ ବେରୋଜଗାର ଅଛନ୍ତି । ତେଣୁ ସ୍ତ୍ରୀ ଏବଂ ଝିଅକୁ ଆର୍ଥିକ ସହାୟତା ଯୋଗାଇବାକୁ ଅସମର୍ଥ ଅଟନ୍ତି। ସେହିପରି ସେକ୍ସନ-୨୪ରେ ଏନେଇ କୌଣସି ନିୟମ ନାହିଁ । ତେବେ ନିମ୍ନ ଅଦାଲତ ଯେଉଁ ରାୟ ପ୍ରଦାନ କରିଛନ୍ତି ସେହି ରାଶିକୁ କମ କରିବାକୁ ଆବେଦନକାରୀ ହାଇକୋର୍ଟରେ ପ୍ରାର୍ଥନା କରିଥିଲେ। ୧୫ ହଜାର ଟଙ୍କାରୁ ୫ ହଜାର ଟଙ୍କା କରିବାକୁ ସେ କୋର୍ଟରେ ପ୍ରାର୍ଥନା କରିଥିଲେ ।' ସେ ଆହୁରି କହିଛନ୍ତି, 'ଏହି ଆବେଦନକୁ ପ୍ରତିପକ୍ଷ ବିରୋଧ କରିଥିଲେ । ପ୍ରତିପକ୍ଷ (ସ୍ତ୍ରୀଙ୍କ ଓକିଲ) କୋର୍ଟରେ ଦର୍ଶାଇଥିଲେ ଯେ ଆବେଦନକାରୀ ସ୍ୱାମୀ ଜଣେ ଉଚ୍ଚ ଶିକ୍ଷିତ । ବୃତ୍ତିଗତ ଭାବରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଏବଂ ତାଙ୍କର ୩୨ ବର୍ଷର ଅଭିଜ୍ଞତା ରହିଛି । ତେଣୁ ଏହି ଭରଣପୋଷଣ ପାଇଁ ୫୦ ହଜାର ଦେବାକୁ କୋର୍ଟଙ୍କୁ ପ୍ରାର୍ଥନା କରିଥିଲେ । ଏହି କ୍ରମରେ ପ୍ରବୀଣ କୁମାର-ଅଞ୍ଜୁ ଜୈନଙ୍କ ମାମଲା ସମ୍ପର୍କରେ କୋର୍ଟଙ୍କୁ ଅବଗତ କରିଥିଲେ । ଏହି ମାମଲାରେ କେବଳ ସ୍ତ୍ରୀ ନୁହେଁ ବରଂ ପିଲାର ଭରଣପୋଷଣ ପାଇଁ ନିୟମ ରହିଛି। ଏଭଳି ସ୍ଥିତିରେ ଆବେଦନକାରୀ(ସ୍ୱାମୀ)ଙ୍କ ଆବେଦନ ଖାରଜ କରିବାକୁ କୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲେ ପ୍ରତିପକ୍ଷ ଓକିଲ।' ବିବାହ ବିଚ୍ଛେଦ ମାମଲାରେ ସ୍ୱାମୀ କିମ୍ବା ସ୍ତ୍ରୀ ରୋଜଗାର ନେଇ ଯେଉଁ ସତ୍ୟପାଠ ଦାଖଲ କରନ୍ତି, ସେଥିରେ ପ୍ରାୟ ଭୁଲ ରହିଥାଏ । ଅର୍ଥାତ ସତ୍ୟପାଠରେ ରୋଜଗାର ନେଇ କୌଣସି ତଥ୍ୟ ଉପସ୍ଥାପନ କରନ୍ତି ନାହିଁ । ଏନେଇ ସ୍ୱତନ୍ତ୍ର ଗାଇଡଲାଇନ ମଧ୍ୟ ରହିଛି । ବେରୋଜଗାର ଗୋଟିଏ ଅଲଗା କଥା। କିନ୍ତୁ ଶିକ୍ଷାଗତ ଯୋଗ୍ୟତା ଥାଇ ବେରୋଜଗାର ରହିବାକୁ ନେଇ କୋର୍ଟ କଡା ଭର୍ତ୍ସନା କରିଛନ୍ତି । କୋର୍ଟ କହିଛନ୍ତି ଯେ, ଜଣେ ବ୍ୟକ୍ତି ଯିଏ କି ଉଚ୍ଚ ଶିକ୍ଷିତ ଏବଂ ଯିଏ ପୂର୍ବରୁ ଚାକିରି କରିଥିଲା ,କିନ୍ତୁ ବିନା କାରଣରେ ଭରଣପୋଷଣ ନ ଦେବା ପାଇଁ ଚାକିରି ଛାଡିବା, ଯାହାକି ସମାଜ ଗ୍ରହଣ କରିବ ନାହିଁ। ମାମଲାର ଶୁଣାଣି କରି କୋର୍ଟ କହିଛନ୍ତି, ୨୦୧୬ ମସିହାରୁ ଉଭୟ ସ୍ୱାମୀ ଏବଂ ସ୍ତ୍ରୀ ମଧ୍ୟରେ ବିବାହ ବିଚ୍ଛେଦ ମାମଲା ବିଚାରଧୀନ ରହିଛି । ଯଦିଓ ସ୍ୱାମୀ ବେରୋଜଗାର ବୋଲି ଦର୍ଶାଉଛନ୍ତି ଏବଂ ତାଙ୍କର ରୋଜଗାରର କୌଣସି ମାଧ୍ୟମ ନଥିବା କହୁଛନ୍ତି । ମାତ୍ର ପିଲାକୁ ନିଜ ପାଖରେ ରଖିବାକୁ ଆବେଦନ କରିଛନ୍ତି । ଏଭଳି ସ୍ଥିତିରେ ସ୍ୱାମୀ ଯେହେତୁ ଉଚ୍ଚ ଶିକ୍ଷିତ ଥାଇ ବେରୋଜଗାର କହୁଛନ୍ତି ତାହା ଗ୍ରହଣଯୋଗ୍ୟ ନୁହେଁ ବୋଲି କୋର୍ଟ କହିଛନ୍ତି। ସେହିପରି ଭରଣପୋଷଣ ନେଇ ତଳ କୋର୍ଟ ଯେଉଁ ରାୟ ପ୍ରଦାନ କରିଛନ୍ତି ତାହାକୁ ହାଇକୋର୍ଟ କାଏମ ରଖିଛନ୍ତି । ଏଥିସହ ଆବେଦନକାରୀ ଆବେଦନକୁ କୋର୍ଟ ଖାରଜ କରିବା ସହ ମାମଲା ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି କୋର୍ଟ। ଏନେଇ ସୂଚନା ଦେଇଛନ୍ତି ହାଇକୋର୍ଟ ଆଇନଜୀବୀ ଆଲୋକ ମହାପାତ୍ର ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିମ୍ନମାନର ଖାଦ୍ୟ...

କରିଥିଲେ। ଏହି ମୁଲତବୀ ପ୍ରସ୍ତାବ ଉପରେ ବିଜେଡ଼ି ବିଧାୟକ ରମେଶ ଚନ୍ଦ୍ର ବେହେରା ମଧ କହିଥିଲେ। ଅନ୍ୟ ପକ୍ଷରେ ଶାସକ ଦଳର ବିଧାୟକ ଇରାଶିଷ ଆଚାର୍ଯ୍ୟ, ସନାତନ ବିଜୁଳି ଏବଂ ଜଲେନ ନାୟକ ପ୍ରମୁଖ ଏହି ଆଲୋଚନାରେ ଭାଗ ନେଇ ବର୍ତ୍ତମାନର ସରକାର ଆଦିବାସୀ ହଷ୍ଟେଲରେ ରହି ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ତ ସୁବିଧା ବ୍ୟବସ୍ଥା କରିଛନ୍ତି ଏବଂ ଯେଉଁସବୁ ଘଟଣା ଘଟିଛି, ତାହା ଉପରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ବୋଲି କହିଥିଲେ।

ମୁଲତବୀ ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇ ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ଗତ ୪ ତାରିଖ ରାତିରେ ଗୁଣୁପୁର ଅନ୍ୱେଷା ହଷ୍ଟେଲର ୭ଜଣ ଅନ୍ତେବାସୀ ଛାତ୍ରଙ୍କ ଉପରେ ଅନ୍ୟ ୮ଜଣ ଅନ୍ତେବାସୀ ଛାତ୍ର ଆକ୍ରମଣ କରିଥିବା ଘଟଣା ସମ୍ପର୍କରେ ପୀଡ଼ିତ ଛାତ୍ରମାନେ ୬ ତାରିଖରେ ହଷ୍ଟେଲ କର୍ମଚାରୀଙ୍କୁ ଜଣାଇଥିଲେ। ଘଟଣା ବିଷୟରେ ଅବଗତ ହୋଇ ଜିଲ୍ଲା ମଙ୍ଗଳ ଅଧିକାରୀ ୮ ତାରିଖରେ ବିଭାଗକୁ ଜଣାଇଥିଲେ ଓ ହଷ୍ଟେଲରେ ପହଞ୍ଚି ତଦନ୍ତ କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ତଦନ୍ତ ଅନୁଯାୟୀ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ, ପାଚିକା ଓ ଦାୟିତ୍ୱରେ ଅବହେଳା ହୋଇଥିବା ପରିଲକ୍ଷିତ ହେବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟଙ୍କୁ ଜିଲ୍ଲାପାଳଙ୍କ ଆଦେଶ ଅନୁସାରେ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ତିନିଜଣ ପାଚିକା କାର୍ଯ୍ୟରେ ଅବହେଳା କରିଥିବା ଯୋଗୁ ସେମାନଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି। ବିଶୃଙ୍ଖଳାରେ ସାମିଲ୍ ଥିବା ୯ଜଣ ଅନ୍ତେବାସୀଙ୍କୁ ୧୦ ତାରିଖରୁ ନିଲମ୍ବନ କରାଯାଇଛି ଏବଂ ଏ ସଂକ୍ରାନ୍ତରେ ଗୁଣୁପୁର ଥାନାରେ ମାମଲା ରୁଜୁ କରାଯାଇଛି ବୋଲି ମନ୍ତ୍ରୀ କହିଥିଲେ। ସେହିପରି ମୟୁରଭଞ୍ଜ ଜିଲ୍ଲା ବାସୀପିଠା ଆଦିବାସୀ ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଯୋଗାଣ ପ୍ରତିବାଦରେ ୧୧୬ଜଣ ଛାତ୍ରଛାତ୍ରୀ ହଷ୍ଟେଲ ଛାଡ଼ି ୨୨ କିଲୋମିଟର ଚାଲି ଚାଲି ଆସି ଜିଲ୍ଲାପାଳଙ୍କୁ ଜଣାଇବା ଘଟଣା ଉପରେ ମନ୍ତ୍ରୀ କହିଥିଲେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଉପ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଡିଡବ୍ଲୁଓ ଏବଂ ଅନ୍ୟ ଅଧିକାରୀଙ୍କ ଦ୍ୱାରା ବିସ୍ତୃତ ତଦନ୍ତ କରାଯାଇ ପଦକ୍ଷେପ ନିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଶିକ୍ଷକଙ୍କୁ ତୁରନ୍ତ ବିଦ୍ୟାଳୟରୁ ସ୍ଥାନାନ୍ତର କରାଯାଇଛି। ତିନିଜଣ ପାଚିକାଙ୍କୁ ଛାତ୍ରାବାସରୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ମହିଳା ଶିକ୍ଷୟିତ୍ରୀଙ୍କୁ ଚେତାବନୀ ଦିଆଯାଇଛି ଏବଂ ଏହି ଘଟଣାର ପୁନରାବୃତ୍ତି ନ ଘଟିବା ପାଇଁ ସତର୍କ ରହିବାକୁ ସମସ୍ତ ତହସିଲଦାର, ବିଡ଼ିଓ ଏବଂ ଅନ୍ୟାନ୍ୟ ତଦାରଖ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ଉତ୍ତର ପରେ ମୁଲତବୀ ପ୍ରସ୍ତାବଟି ଅଗ୍ରାହ୍ୟ ହୋଇଥିଲା।

### ପଖାଳ ସହିତ...

ମଧ୍ୟାହ୍ନ ଭୋଜନ କରିଛନ୍ତି । ପଖାଳ ଦିବସରେ ସମାଜର ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଆ ଖାଦ୍ୟ ସଂସ୍କୃତିରେ ପଖାଳର ବିକଳ୍ପ ନାହିଁ । ଆମ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ମଧ୍ୟ ପଖାଳ ଭୋଗ ଲାଗିଥାଏ। ପ୍ରକୃତରେ ଆମ ଓଡ଼ିଆ ପ୍ରାଣ ଏଇ ପଖାଳକୁ ନେଇ ଯୁଗଯୁଗ ଧରି ଆମ ଇତିହାସ ଓ ସାମାଜିକ ସହାବସ୍ଥାନ ସହ ଏକାକାର ହୋଇଯାଇଛି । ମନ ନିର୍ମଳ ଓ ହୃଦୟ ଗଙ୍ଗାର ଆବେଗ ନେଇ ଆଗେଇ ଚାଲିଥିବା ଆମ ଓଡ଼ିଆ ଜାତି ପଖାଳକୁ ନେଇ ଗର୍ବିତ ହେବା ସହ ଓଡ଼ିଆତ୍ୱର ପରାକାଷ୍ଠା ଆଗକୁ ପ୍ରତିପାଦନ କରିପାରିବ ଏ ବିଶ୍ୱାସ ଅଛି ଓ ରହିବ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ବାଚସ୍ପତି ସୁରମା ପାଢୀ, ରାଜ୍ୟ କ୍ୟାବିନେଟର ଅନ୍ୟ ମନ୍ତ୍ରୀ ପଖାଳ ଖାଇଥିଲେ।

### ବିଏଡ୍ ନାଁ ...

ଏଥିସହ ଶିକ୍ଷା ବର୍ଷ ୨୦୨୫-୨୬ରେ ଦୁଇ ବର୍ଷିଆ ବି. ଏଡ଼/ଏମ. ଏଡ଼/ ବି.ଏଚ. ଏଡ଼ ପାଠ୍ୟକ୍ରମକୁ ଆସନ୍ତା ୨୪ ଜୁଲାଇ, ୨୦୨୫ ତାରିଖ ସୁଦ୍ଧା ଆରମ୍ଭ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ସଠିକ ସମୟରେ ପାଠ୍ୟକ୍ରମ ଆରମ୍ଭ ହୋଇ ସଠିକ ସମୟରେ ପରୀକ୍ଷା କରାଯାଇ ଫଳାଫଳ ମଧ୍ୟ ଘୋଷଣା କରାଯାଇପାରିବ, ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ।

### ଅଷ୍ଟମ ବେତନ...

ସୀତାରମଣ କହିଛନ୍ତି, ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗ ଗଠନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ସରକାରଙ୍କୁ ରିପୋର୍ଟ ଦେବା ପାଇଁ ଆବଶ୍ୟକ ସମୟ ସୀମା ସମ୍ପର୍କରେ ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ ଏହା ନିର୍ଦ୍ଧାରିତ ସମୟ ମଧ୍ୟରେ ସ୍ଥିର ହେବା ନିଶ୍ଚିତ।

### ୨୦୨୬ ଜୁନ୍ ସୁଦ୍ଧା ...

ଗୋଟି ସୋଲାର ଦ୍ୱୈତ ପମ୍ପ ଏବଂ ୪୫୯୮ ଗୋଟି ସୋଲାର ପାଇପ୍ ଜଳଯୋଗାଣ ପ୍ରକଳ୍ପ ସ୍ଥାପନ କରାଯାଇ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏବେସୁଦ୍ଧା ରାଜ୍ୟର ମୋଟ ୮୮, ୬୯, ୫୩୬ ଗୋଟି ଗ୍ରାମୀଣ ପରିବାର ମଧ୍ୟରୁ ୬୭, ୮୨, ୩୯୨ ଗୋଟି (୭୬.୪୭%) ପରିବାରକୁ ଘରୋଇ ଟ୍ୟାପ୍ ସଂଯୋଗୀ କରଣ କରାଯାଇଛି। ଏଥିପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ଜଳ ଜୀବନ ମିଶନ ଅଧୀନରେ ୭ ହଜାର କୋଟି ଟଙ୍କା, ବସୁଧା ଯୋଜନାରେ ୧୫୦୦ କୋଟି ଟଙ୍କା ଏବଂ ଆରଆଇଡିଏଫ୍‌ରେ ୧୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ ଅଧୀନରେ ୪୫୦୦ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଥିବା ବେଳେ ଅନ୍ତୋଦୟ ଗୃହ ଯୋଜନା ଅଧୀନରେ ୨୬୦୦ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୭୦୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବା ବେଳେ ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ୧୬୦ କୋଟି ଟଙ୍କା, ଗ୍ରାମାଞ୍ଚଳରେ ପ୍ରସ୍ତୁତ ଉତ୍ପାଦ ସହିତ ସହର ବ୍ୟବସାୟିକ କେନ୍ଦ୍ର ଗୁଡିକର ସଂଯୋଗୀକରଣ ଓ ଭିତ୍ତିଭୂମି ସହାୟତାରେ ପ୍ରମୁଖ ସମସ୍ୟା ସମାଧାନ ପାଇଁ ଓରମାସ ୩୫ଟି ଉତ୍ପାଦନ ଉଦ୍ୟୋଗ, ୭୦ଟି ଗ୍ରାମୀଣ ଶିଳ୍ପ ପାର୍କ, ୨୪ କୃଷକ ଉତ୍ପାଦକ ସଂଗଠନ ଏବଂ ୫ଟି କୃଷି ସଂସାଧନ କେନ୍ଦ୍ର ଗଠନ ସହିତ ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧି ଦିଗରେ ସହାୟତା ଦେବା ପାଇଁ ୨୦୨୫-୨୬ରେ ୩୫.୫୭ କୋଟିର ବ୍ୟବସ୍ଥା କରାଯାଇଥିବା ବେଳେ ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ଯୋଜନାରେ ୩୦୦ କୋଟି ଟଙ୍କା ଏବଂ ବିକଶିତ ଓଡ଼ିଶା ଯୋଜନାରେ ୨ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ମନ୍ତ୍ରୀ କହିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଖର୍ଚ୍ଚ ଦାବି ଆଲୋଚନାର ଉତ୍ତରରେ ମନ୍ତ୍ରୀ ଶ୍ରୀ ନାୟକ କହିଥିଲେ ଯେ, ଓଡ଼ିଶାର ସାମଗ୍ରିକ ବିକାଶ ଆମର ପ୍ରାଥମିକ ଲକ୍ଷ୍ୟ। ଗ୍ରାମାଞ୍ଚଳରେ ରାସ୍ତା, ସେତୁ, ସରକାରୀ ଗୃହ ନିର୍ମାଣ ଏବଂ ସେଗୁଡିକର ଉତ୍ତମ ରୂପେ ରକ୍ଷଣାବେକ୍ଷଣ କରିବା ବିଭାଗର ମୁଖ୍ୟ କର୍ତ୍ତବ୍ୟ। ବିଭାଗର ମୁଖ୍ୟ ଯୋଜନା ଗୁଡିକର ସଫଳତା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଉଛି। ପିଏମ୍ ଜନମନ ଯୋଜନାରେ ଅଦ୍ୟାବଧି ୪୬ ଗ୍ରାମକୁ ସଂଯୋଗ ପାଇଁ ପ୍ରଥମ ଦଫାରେ ୪୦ଟି ରାସ୍ତା ଓ ଦୁଇଟି ସେତୁ ନିର୍ମାଣ ନିମନ୍ତେ ୧୪୯.୭୪ କୋଟି ଟଙ୍କାର ମଞ୍ଜୁରୀ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରାପ୍ତ ହୋଇଛି। ଏହା ସହିତ ୨୭ଟି ଗ୍ରାମକୁ ସଂଯୋଗ ପାଇଁ ୨୬ଟି ରାସ୍ତା ଓ ଦୁଇଟି ସେତୁ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ ନିମନ୍ତେ ପ୍ରେରଣ କରାଯାଇଛି। ଏହା ବ୍ୟତୀତ ୨୬୩ଗୋଟି ଗ୍ରାମର ସଂଯୋଗୀକରଣ ନିମନ୍ତେ ଅନୁସୂଚିତ ଜାତି ଜନଜାତି କଲ୍ୟାଣ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଯୁଗ୍ମ ସର୍ଭେ କାର୍ଯ୍ୟ ଚାଲୁରହିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ପିଏମ ଜନମନରେ ମୋଟ ୧୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଆରମ୍ଭରୁ ୨୦୨୫ ଫେବୃଆରୀ ସୁଦ୍ଧା ୩୨୮୫୨.୨୮ କୋଟି ଟଙ୍କା ବ୍ୟୟ କରାଯାଇ ୧୭୪୯୯ ଗୋଟି ରାସ୍ତା ସଂପୂର୍ଣ୍ଣ କରାଯାଇ ୭୦୩୮୨.୬୪ କି.ମି ରାସ୍ତା ଏବଂ ୬୨୪ ଗୋଟି ସେତୁ ନିର୍ମାଣ କରାଯାଇଛି। ଏହାର ଫଳସ୍ୱରୂପ ୧୬୯୯୧ ଗୋଟିଏ ଅସଂଯୋଜିତ ଗ୍ରାମକୁ ସବୁଦିନିଆ ରାସ୍ତା ଦ୍ୱାରା ସଂଯୋଗୀକରଣ କରାଯାଇଛି। ୨୦୨୫ ଫେବୃଆରୀ ଶେଷ ସୁଦ୍ଧା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ-୧, ୨ ଓ ୩ ଅଧୀନରେ ୬୨୭.୧୫ କୋଟି ଟଙ୍କା ଖର୍ଚ୍ଚ କରାଯାଇ ୬୧୨.୪୬ କି.ମି ରାସ୍ତା ଏବଂ ୨୬ଗୋଟି ସେତୁ ନିର୍ମାଣ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ମୋଟ ୧୬୦୦.୦୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୦୨୫ ଫେବୃଆରୀ ସୁଦ୍ଧା ୧୩୪.୨୧ କୋଟି ଟଙ୍କା ଖର୍ଚ୍ଚ କରାଯାଇ ୨୨୭.୬୭ କି.ମି ରାସ୍ତା ନିର୍ମାଣ ସଂପୂର୍ଣ୍ଣ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଚାଲୁ ରହିଥିବା ରାସ୍ତା ନିର୍ମାଣ ପାଇଁ ୨୦୯.୯୪ କୋଟି ଟଙ୍କା ବରାଦ କରାଯାଇଛି। ସେହିପରି ୨୦୨୫ ଫେବୃଆରୀ ସୁଦ୍ଧା ୧୩୮ ଗୋଟି ସେତୁ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିବା ବେଳେ ଚାଲୁ ରହିଥିବା ସେତୁ ପ୍ରକଳ୍ପ ପାଇଁ ୨ ହଜାର କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ମନ୍ତ୍ରୀ ପ୍ରକାଶ କରିଥିଲେ। ମନ୍ତ୍ରୀଙ୍କ ଉତ୍ତର ପରେ ଖର୍ଚ୍ଚ ଦାବି ଦ୍ୱୟ ବାଚନିକ ଭୋଟ୍‌ରେ ପାରିତ ହୋଇଥିଲା।

### ଓଡ଼ିଶାରେ ଖୋଲିବ ...

ଏହି ବୈଠକରେ ଓଡ଼ିଶାର ଆଇ.ଟି.ଆଇ ଗୁଡ଼ିକୁ ଅଧିକ ସୁଦୃଢ଼ କରିବା, ଆହୁରି ଅଧିକ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ, ଦକ୍ଷତା ବିକାଶ ଶିକ୍ଷାର୍ଥୀଙ୍କ ପାଇଁ ମଲ୍ଟି ଲାଙ୍ଗୁଏଜ୍ ଟ୍ରେନିଂ ସେଣ୍ଟର, ଜନଜାତି ବହୁଳ ଅଞ୍ଚଳରେ ଯୁବଗୋଷ୍ଠୀଙ୍କ ଦକ୍ଷତା ବିକାଶ ପାଇଁ ପି.ଏମ.-ଜନମନ ଯୋଜନାରେ ଆଇ.ଟି.ଆଇକୁ ଅନ୍ତର୍ଭୁକ୍ତ କରିବା ଉପରେ ଆଲୋଚନା ହୋଇଥିଲା । କେନ୍ଦ୍ରମନ୍ତ୍ରୀ ଏ ସବୁ ପ୍ରସ୍ତାବ ଉପରେ ସକାରାତ୍ମକ ମତାମତ ଦେଇ ଖୁବ ଶୀଘ୍ର ଏସବୁ ପ୍ରସ୍ତାବଗୁଡ଼ିକ ଉପରେ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଉପସ୍ଥିତ ଥିଲେ।

### ଅପ୍ରେଲ ୧ରୁ ...

ଆସନ୍ତା ଅପ୍ରେଲ ୧ ତାରିଖ ଠାରୁ ଭୁବନେଶ୍ୱରରୁ ଗୋଆକୁ ପ୍ରତି ମଙ୍ଗଳବାର, ବୁଧବାର, ଗୁରୁବାର ଓ ଶନିବାର ଦିନ ବିମାନ ଚଳାଚଳ କରିବ। ଘରୋଇ ବିମାନ କମ୍ପାନୀ ଇଣ୍ଡିଗୋରେ ଭୁବନେଶ୍ୱରରୁ ବିମାନଯାତ୍ରୀମାନେ ଗୋଆ ଯାଇପାରିବେ। ପୁଣି ଯାତ୍ରୀମାନେ ଚାହିଁଲେ ଗୋଆରୁ ଇଣ୍ଡିଗୋର ବିମାନରେ ଭୁବନେଶ୍ୱର ଫେରିପାରିବେ। କେନ୍ଦ୍ରର ସହାୟତାରେ ରାଜ୍ୟ ସରକାର ବିକଶିତ ଓଡ଼ିଶାକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ବିମାନ ଚଳାଇବା ପାଇଁ ପଦକ୍ଷେପ ନେଇଛନ୍ତି। ବିଗତ କିଛି ମାସ ମଧ୍ୟରେ ଦେଶର କିଛି ସହରକୁ ଭୁବନେଶ୍ୱରରୁ ବିମାନ ଚଳାଚଳ ହୋଇପାରିଛି । ଏହି କ୍ରମରେ ଗୋଆକୁ ବିମାନ ଚଳାଚଳ କରିବା ଦ୍ୱାରା ଉଭୟ ଓଡ଼ିଶା ଓ ଗୋଆର ପର୍ଯ୍ୟଟନ ଓ ବ୍ୟବସାୟ ଶିଳ୍ପ ବିକାଶରେ ସହାୟକ ହେବ।

### ସ୍କ୍ୱାଡରେ ସାମିଲ ...

ସ୍କ୍ୱାଡ ଏକ ଅନୌପଚାରିକ ସୈନ୍ୟ ମେଣ୍ଟ, ଯେଉଁଥିରେ ୪ ସହଯୋଗୀ ଦେଶ ପରସ୍ପର ସୈନ୍ୟ ସହଯୋଗ ସମେତ ଗୁଇନ୍ଦା ସୂଚନା ଆଦାନପ୍ରଦାନ କରୁଛନ୍ତି। ଗତବର୍ଷଠାରୁ ଏହି ମେଣ୍ଟ ଦେଶଙ୍କ ପ୍ରତିରକ୍ଷା ବଳ ଦକ୍ଷିଣ ଚୀନ ସାଗରରେ ମିଳିତ ସାମୁଦ୍ରିକ ଗତିବିଧି ଆରମ୍ଭ କରିଛନ୍ତି । ଜେନେରାଲ ବ୍ରାଉନର କହିଛନ୍ତି ଯେ ଖୁବ ଶୀଘ୍ର ତାଙ୍କର ଭେଟ ଭାରତର ପ୍ରତିରକ୍ଷା ମୁଖ୍ୟ ଜେନେରାଲ ଅନୀଲ ଚୌହାନଙ୍କ ସହିତ ହେବ। ଏହି ସମୟରେ ସେ ସ୍କ୍ୱାଡରେ ସାମିଲ ହେବା ଲାଗି ସେ ଭାରତକୁ ଔପଚାରିକ ନିମନ୍ତ୍ରଣ କରିବେ । ଫିଲିପାଇନ୍ସର ଅନୁରୋଧ ପରେ ଭାରତ ସ୍କ୍ୱାଡରେ ସାମିଲ ହୋଇ ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ସହିତ ମିଶି ଦକ୍ଷିଣ ଚୀନ ସାଗରରେ ବଢୁଥିବା ଚୀନର ପ୍ରଭାବ ରୋକିବା ଦିଗରେ ପଦକ୍ଷେପ ନେଉଛି କି ନା ତାହା ଦେଖିବାକୁ ବାକି ରହିଲା । ହେଲେ ଭାରତ ଏବେ ହିନ୍ଦ ମହାସାଗରରେ ନିଜର ରଣନୈତିକ ଉପସ୍ଥିତିକୁ ମଜଭୁତ କରିବାରେ ଲାଗିଛି ଓ ଚୀନର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି।

## ଜେଏସପିରେ ୧୨ ଦିନ ଧରି ଚାଲିଲା 'ସେଲିବ୍ରେଟିଂ ଦି ଲିଗାସି' କାର୍ଯ୍ୟକ୍ରମ

# ଜିନ୍ଦଲ ଗ୍ରୁପ ଅଧ୍ୟକ୍ଷା ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନ ଉତ୍ସବ ପାଳିତ

**ଅନୁଗୁଳ,ନ୍ୟୁଜ ବ୍ୟୁରୋ**

ଅନୁଗୁଳ ସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ଠାରେ ୧୨ ଦିନ ଧରି ଚାଲିଥିବା 'ସେଲିବ୍ରେଟିଂ ଦି ଲିଗାସି' କାର୍ଯ୍ୟକ୍ରମ, ଜିନ୍ଦଲ ଗ୍ରୁପ ଅଧ୍ୟକ୍ଷା ଏମେରିଟସ୍ ଶ୍ରୀମତି ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନ ପାଳନ ସହିତ ଶେଷ ହୋଇଛି । ଏହି କାର୍ଯ୍ୟକ୍ରମ ଜେଏସପି ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ସମ୍ମାନାର୍ଥେ ମାର୍ଚ୍ଚ ୯ ତାରିଖରେ ଆରମ୍ଭ ହୋଇଥିଲା। ଏଥିରେ ସମ୍ପ୍ରଦାୟ ଏବଂ ଶ୍ରମିକଙ୍କ ଉନ୍ନତି ଲକ୍ଷ୍ୟ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଏବଂ ଉଦ୍ଦେଶ୍ୟ ରଖି ପାଳନ କରାଯାଇଥିଲା, ଯାହା ସମାଜ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଥିଲା । ୧୨ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଦିବସ, ସଂସ୍କୃତି ଦିବସ, ପ୍ରେରଣା ଦିବସ, ଦକ୍ଷତା ଦିବସ, ଜ୍ଞାନ ଦିବସ, ରଙ୍ଗ ଦିବସ, ଏକତା ଦିବସ, କ୍ରୀଡ଼ା ଦିବସ, ସୁରକ୍ଷା ଦିବସ, ଆଧ୍ୟାତ୍ମିକତା ଦିବସ ଏବଂ ସଶକ୍ତିରକଣ ଦିବସ ଅନ୍ତର୍ଭୁକ୍ତ ଥିଲା । ଜେଏସପିର ସମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ ସମେତ ସୀମା ମଲହାନ ଏବଂ ଅନିତା ମିତ୍ତଲଙ୍କ ନେତୃତ୍ୱରେ ପରିଚାଳିତ ଜିନ୍ଦଲ ମହିଳା ସମିତିର ସହଯୋଗରେ ଏହି କାର୍ଯ୍ୟକ୍ରମକୁ ଅନୁଗୁଳର ସ୍ଥାନୀୟ ମ୍ୟାନେଜମ୍ୟାଣ୍ଟ ପରିଚାଳନା କରିଥିଲା । ଏହି କାର୍ଯ୍ୟକ୍ରମ ଅବସରରେ ହୋଇଥିବା ସାମୂହିକ ପ୍ରୟାସ, ପ୍ଲାଣ୍ଟ ପରିସର ଏବଂ ପ୍ଲାଣ୍ଟ ପାର୍ଶ୍ୱବର୍ତ୍ତୀ ଗାଁ ଗୁଡ଼ିକର ୫୦, ୦୦୦ରୁ ଅଧିକ ଲୋକଙ୍କ ଜୀବନକୁ ପ୍ରଭାବିତ କରିଥିଲା ।

ସଶକ୍ତିକରଣ ଦିବସ ଭାବରେ ପାଳନ କରାଯାଇଥିବା ଅନ୍ତିମ ଦିନଟି ଅନେକଙ୍କ ପାଇଁ, ବିଶେଷ କରି ମହିଳାମାନଙ୍କ ପାଇଁ ଆନନ୍ଦ ଆଣି ଦେଇଥିଲା । କାରଣ ସେମାନେ, ସ୍ନେହରେ ମାତାଜୀ ଭାବେ ସମ୍ବୋଧନ କରୁଥିବା ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନ ପାଳନ କରିଥିଲେ। ଜିନ୍ଦଲ ନଗରଠାରେ ଅବସ୍ଥିତ ଦେବଭୂମି ମନ୍ଦିରରେ ଏକ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହିତ ଦିନଟି ଆରମ୍ଭ ହୋଇଥିଲା । ଯେଉଁଠାରେ ବରିଷ୍ଠ ଅଧିକାରୀ ଏବଂ ଶୀର୍ଷ ନେତୃତ୍ୱ, ମାତାଜୀଙ୍କ ଦୀର୍ଘ ଏବଂ ସୁସ୍ଥ ଜୀବନ କାମନା କରି ପ୍ରାର୍ଥନା କରିବାକୁ ଏକତ୍ରିତ ହୋଇଥିଲେ । ଜନଜୀବିକା କେନ୍ଦ୍ର, ବିଭିନ୍ନ ଏନଜିଓ, ଅନୁଗୁଳ ଜେଲ, ପ୍ଲାଣ୍ଟ ପାର୍ଶ୍ୱବର୍ତ୍ତୀ ଗ୍ରାମ ସମେତ ଜିନ୍ଦଲ ନଗର ଏବଂ ପ୍ଲାଣ୍ଟ ପରିସରରେ ବିଭିନ୍ନ ଜନକଲ୍ୟାଣକରୀ ପଦକ୍ଷେପ ସହିତ ମାତାଜୀଙ୍କ ଜନ୍ମଦିବସକୁ ପାଳନ କରାଯାଇଥିଲା । ଜିନ୍ଦଲ ଷ୍ଟିଲର ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ରକ୍ତଦାନ ଶିବିରରେ କର୍ମଚାରୀ, ସାଧାରଣ ନାଗରିକ ଏବଂ ରୋଟାରୀ କ୍ଲବର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଜେଏସପି ଅନୁଗୁଳ ପ୍ଲାଣ୍ଟ ମୁଖ୍ୟ ପଙ୍କଜ ମଲହାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ, ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲୀପ ସିହ୍ନା, ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ମାତାଜୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ । 'ସେଲିବ୍ରେଟିଂ ଦି ଲିଗାସି' କାର୍ଯ୍ୟକ୍ରମକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସମସ୍ତଙ୍କୁ ସେମାନେ କୃତଜ୍ଞତା ଜଣାଇଥିଲେ ।



# ପାରମିତା ଷଡଙ୍ଗୀଙ୍କୁ ମୁନସୀ ପ୍ରେମଚନ୍ଦ କାହାଣୀ ପୁରସ୍କାର




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚଳିତ ମାର୍ଚ୍ଚ ମାସ ୧୮ ତାରିଖରେ ମହାରାଷ୍ଟ୍ର ରାଜ୍ୟ ହିନ୍ଦୀ ସାହିତ୍ୟ ଏକାଡେମୀ ପୁରସ୍କାର ଏକାଡେମୀ ଆନୁକୂଲ୍ୟରେ ମୁମ୍ବାଇର ବାନ୍ଦ୍ରାରେ ରଙ୍ଗଶାରଦା ଅଡିଟୋରିୟମରେ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ସାଂସ୍କୃତିକ ମନ୍ତ୍ରୀ ମାନନୀୟ ଆଶିଷ ଶେଲାର, ମୁଖ୍ୟ ସଚିବ ବିକାଶ ଖାରଗେ, ପୂର୍ବ ରାଜ୍ୟମନ୍ତ୍ରୀ ଅମରଜିତ୍ ମିଶ୍ର, ସାହିତ୍ୟ ଏକାଡେମି ଅଧ୍ୟକ୍ଷ ଡଃ ଶୀତଳା ପ୍ରସାଦ ଦୁବେ, ଉପାଧ୍ୟକ୍ଷ ମଞ୍ଜୁ ଲୋଢା, ବରିଷ୍ଠ ଲେଖକ ସୁଧାକର ମିଶ୍ର ଓ ବିମଳ ମିଶ୍ର ଉପସ୍ଥିତ ଥିଲେ । ଏହି ଉତ୍ସବରେ ପାରମିତାଙ୍କର ହିନ୍ଦୀ ଗଳ୍ପ ସଂକଳନ " ସମ୍ବିତ କେ ପାସ ଜବ ମେ ନହିଁ ଥି" କୁ ୨୦୨୫ ମସିହାରେ ମହାରାଷ୍ଟ୍ର ରାଜ୍ୟ ହିନ୍ଦୀ ସାହିତ୍ୟ ଏକାଡେମି ତରଫରୁ "ମୁନସୀ ପ୍ରେମଚନ୍ଦ କାହାଣୀ ପୁରସ୍କାର" ପ୍ରଦାନ କରା ଯାଇଛି। ଲକ୍ଷ୍ନୌର ଶତରଙ୍ଗ ପ୍ରକାଶନ ଦ୍ୱାରା ପ୍ରକାଶିତ ଏହି ଗଳ୍ପ ସଙ୍କଳନରେ ୧୩ ଟି କାହାଣୀ ପ୍ରକାଶିତ। ପାରମିତା ଷଡ଼ଙ୍ଗୀ ଉଭୟ ଓଡ଼ିଆ ଓ ହିନ୍ଦୀରେ ଲେଖନ୍ତି । ସେ ହେଉଛନ୍ତି ପ୍ରଥମ ଓଡ଼ିଆ, ଯେକି ଅନ୍ୟ ରାଜ୍ୟର ସାହିତ୍ୟ ଏକାଡେମି ପୁରସ୍କାର ପାଇଛନ୍ତି।

ପାରମିତା ଷଡ଼ଙ୍ଗୀ ଓଡିଶାର ପ୍ରସିଦ୍ଧ କବି ଡଃ ବଂଶୀଧର ଷଡ଼ଙ୍ଗୀଙ୍କର କନ୍ୟା । ତାଙ୍କର ହିନ୍ଦୀ ଓ ଓଡ଼ିଆ ଭାଷାରେ ଏପର୍ଯ୍ୟନ୍ତ ୧୬ଟି ବହି ପ୍ରକାଶିତ। ତାଙ୍କର ହିନ୍ଦୀରେ ରଚିତ "ଇଜ୍ୟା" ପାଠକଙ୍କ ଦ୍ୱାରା ବହୁଳ ଆଦୃତ ଓ ଅନେକ ପୁରସ୍କାରରେ ପୁରସ୍କୃତ . କବିତା ସଂଗ୍ରହ "ଇଜ୍ୟା" ଗୁଜୁରାତି ଭାଷାରେ ଅନୁବାଦ ହେଇ 'ଗୁଜୁରାତି ସାହିତ୍ୟ ଏକାଡେମି ' ଓ ମରାଠୀ ଭାଷାରେ ଅନୁବାଦ ହେଇ 'ଗ୍ରନ୍ଥରନ୍,' 'ଅଗ୍ରୱାନ', 'ଯସୋବନ୍ତ' 'ରାଓ ଦାତେ' ଓ 'ଯୁଗ ପ୍ରବର୍ତ୍ତକ' ରାଜ୍ୟ ସ୍ତରୀୟ ପୁରସ୍କାର ପ୍ରାପ୍ତ ହେଇଛି । ପାରମିତାଙ୍କ କବିତା ଓ କାହାଣୀ ମରାଠୀ, ଗୁଜୁରାତି, ରାଜସ୍ଥାନୀ, ବଙ୍ଗଳା, ତେଲଗୁ, ତାମିଲ, ପଞ୍ଜାବୀ, ହିନ୍ଦୀ, ଇଙ୍ଗଲ୍ସ ଓ ଓଡ଼ିଆ ଭାଷାରେ ଅନୁବାଦ ହେଇ ଦେଶ ବିଦେଶରେ ପ୍ରକାଶିତ ହେଇଛି।

OFFICE OF THE MUNICIPAL COUNCIL: KEONJHARGARH C-1936

email- keonjharm.hud@rediffmail.com
Invitation for Bids (IFB) ' e' Procurement NOTICE
Bid Identification No.ODULB_KGM-10/2024-25

Letter No 1921 /KGM/ Date.19.03.2025

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system ,through e-Procurement

1- Nature of work- Civil Work.
2- No of Work- 2 Nos
3-Value of works: Rs. 4,21,000/- to 4,70,000/-
4-Date & Time of availability of Bid document in the portal:
From. 21.03.2025 at 11.00 A.M. up to 27.03.2025 at 5.30 P.M.
5-Date of Opening of bid in portal. 29.03.2025 at 11.00 A.M.
6- Name & address of the officer in Inviting Bid– EO, Keonjharagrh Municipality
Further details can be seen from Website: www.tendersorissa.gov.in

OIPR-13115/11/0015/2425

Executive Officer,
Keonjhargarh Municipality

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDINGENGINEER,
PURI (R&B) DIVISION, PURI
WORKS DEPARTMENT
Short Tender Call Notice B-1092
E-mail: eerbpuri@yahoo.co.in

Bid Identification No. SE (R&B) Puri-57/2024-25

The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in single cover system in ONLINE MODE form the eligible class of contractors registered with the State Governments and contractors of equivalent Grade/Class registered with Central Government / Railways:

| | | | |
|---|---|---|---|
| 1. | Nature of Work | : | Civil Work. |
| 2. | No of Work | : | 2 Nos |
| 3. | Tender Cost | : | Rs. 6000.00/ each (On-Line) |
| 4. | Class of bidders | : | 'D' & C' / 'B' Class |
| 5. | Available of Bid document in the Website | : | From 10.00 AM of Dt.24.03.2025 to 05.00 PM of Dt.02.04.2025 |
| 6. | Last Date of receipt of tender | : | Dt.02.04.2025 up to 05.00 PM |
| 7. | Date of opening of Bid | : | Dt.03.04.2025 at 11:00 AM |

8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

OIPR-34064/11/0024/2425

Superintending Engineer,
Puri (R&B) Division, Puri

ଭୁବନେଶ୍ୱର
୨୧ ମାର୍ଚ୍ଚ,
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଲାଗି ହେଲା ପଖାଳ ଭୋଗ



**ପୁରୀ, ୨୦/୩ ନ୍ୟୁଜ ବ୍ୟୁରୋ**
ଓଡ଼ିଆଙ୍କ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ବି ପ୍ରିୟ ଖାଦ୍ୟ ହେଲା ପଖାଳ। ଶ୍ରମନ୍ଦିରର ଟଙ୍କ ତୋରାଣି ଏହାର ଏକ ପ୍ରମାଣ ଅଟେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏହି ଟଙ୍କ ତୋରାଣି ବା ପଖାଳ ଭୋଗ ଲାଗି ମଧ୍ୟ କରାଯାଇଛି। ଆନନ୍ଦ ବଜାର ଭିତରେ ଗୋଟେ ଡଙ୍ଗା ଅଛି ତା'ଭିତରେ ଅଭଡ଼ା ତୋରାଣି ରହିଥାଏ। ସେ ତୋରାଣିକୁ ଯିଏ ପିଇଲା ବା ଘରକୁ ଆଣିକି ପିଇଲା ତା'ର ଦୁଃଶାଧ ରୋଗ ମଧ୍ୟ ଭଲ ହେଇଯାଏ। ପିଲାମାନେ ରାତିରେ ଶୋଇଥିବା ବେଳେ ଏକ କରିଦିଅନ୍ତି ବା ବୋହୁମୁତ୍ର ରୋଗୀମାନେ ସେ ପଖାଳ ସେବନ କଲେ ତାଙ୍କର ରୋଗ କ୍ରମଶଃ ଭଲ ହେଇଯିବ। ଭାରି ଶ୍ୱାସ ବେମାରି ଅଛି ଔଷଧ ଖାଇଲେ ବି କମୁନି ସେ ପଖାଳ ତୋରାଣିକୁ ପିଇଦେଲେ କମିଯିବ ସବୁ। ପ୍ରତ୍ୟକ ଦିନ ମହାପ୍ରସାଦ ମଠ ଆଉ ସେବକଙ୍କ ଗୃହକୁ ଯାଏ। ଦିନ ବେଳା ଯାହା ଖାଉଛ ଖାଅ ରାତିବେଳା ପୁରୀରେ ମହାପ୍ରସାଦ ଖାଇବା ପୁରୀ ଲୋକଙ୍କର ଏକ ପାରମ୍ପାରିକ ଅଭ୍ୟାସ। ଆମ ଓଡ଼ିଆ ଜାତିରେ ପଖାଳ ଖାଇବା ପରମ୍ପରା ଆମ ମହାପ୍ରଭୁଙ୍କ ଠାରୁ ଆରମ୍ଭ ହୋଇଛି। ସବୁଦିନ ସେ ପଖାଳ ଖାଇକି ନିଦ୍ରା ଯାଆନ୍ତି। ପଖାଳର ସୃଷ୍ଟି ଯେ ଶ୍ରୀମନ୍ଦିରରୁ ହେଇଛି ତା'ର ପ୍ରମାଣ ଦିଅନ୍ତି ଆମ ମହାପ୍ରଭୁ। ୫୬ ଭୋଗଠୁ ବି ଦୁର୍ଲଭ ଭୋଗ ମହାପ୍ରଭୁଙ୍କ ପଖାଳ ଭୋଗ। କୋଟି ଓଡିଆଙ୍କ ମଉଡମଣିଙ୍କ ଅତି ପ୍ରିୟ ଖାଦ୍ୟ।

# ମୋଦିଙ୍କୁ ଭେଟିଲେ ଦିଲ୍ଲୀପ ରାୟ; ରଖିଲେ ୩ ବଡ ଦାବି



**ନୂଆଦିଲ୍ଲୀ, ୨୦/୩**
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଜେପିର ବରିଷ୍ଠ ନେତା ଦିଲ୍ଲୀପ ରାୟ ଭେଟିଛନ୍ତି । ଏହି ଅବସରରେ ଦିଲ୍ଲୀପ ଓଡ଼ିଶା ଓ ରାଉରକେଲାର ବିକାଶ ପାଇଁ ୩ଟି ମୁଖ୍ୟ ପ୍ରସଙ୍ଗ ଉଠାଇଛନ୍ତି । ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ ଏହି ସୂଚନା ଦେଇଛନ୍ତି । ଦିଲ୍ଲୀପ ବିଭିନ୍ନ ପ୍ରସଙ୍ଗକୁ ଭିତ୍ତି କରି ଏକ ଚିଠିରେ ଦାବି ଉଲ୍ଲେଖ କରିଛନ୍ତି । ଏଥି ସହିତ ସେ ତାଙ୍କର ଦାବି ପୂରା ହେବ ବୋଲି ଆଶା ପ୍ରକଟ କରିଛନ୍ତି। ଶ୍ରୀ ରାୟ ତାଙ୍କ ଦାବିରେ ଉଲ୍ଲେଖ କରିଛନ୍ତି ଯେ, ରାଉରକେଲାରେ ନୂତନ ରେଳ ଡିଭିଜନ୍ ପ୍ରତିଷ୍ଠା ହେଉ। ପୂର୍ବତଟ ରେଳପଥ ଅଧୀନ ରାଉରକେଲା ଓ ଏହାର ଆଖପାଖ ଜିଲ୍ଲାଗୁଡ଼ିକରେ ରାଉରକେଲାରେ ଏକ ନୂତନ ରେଳ ଡିଭିଜନ୍ ପ୍ରତିଷ୍ଠା ହେଲେ ମଧ୍ୟ ଭିତ୍ତିଭୂମି ଓ ଯାତ୍ରୀ ସେବା କ୍ଷେତ୍ରରେ ଏହି ଅଞ୍ଚଳ ଅବହେଳିତ ରହିଛି । ଓଡ଼ିଶାର ଖଣିଜ କ୍ଷେତ୍ରପାଇଁ ଏକ ସ୍ୱତନ୍ତ୍ର ରେଳ ଡିଭିଜନ ଗଠନ, ଉନ୍ନତ ପ୍ରଶାସନ, ଉନ୍ନତ ଯୋଗାଯୋଗ ଏବଂ ସନ୍ତୁଳିତ ବିକାଶ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଶ୍ରୀ ରାୟ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ସେହିପରି ଷ୍ଟିଲ୍ ପ୍ଲାଣ୍ଟ ସମ୍ପ୍ରସାରଣ ହେବାକୁ ସେ କହିଛନ୍ତି। ସେଲ୍ ଅଧୀନ ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ କାମ ଜମି ଅଧିଗ୍ରହଣ ସମସ୍ୟା ଯୋଗୁଁ ଦୀର୍ଘ ଦିନରୁ ଅଟକି ରହିଛି । ଫଳରେ ୩୦ ହଜାର କୋଟି ଟଙ୍କାର ସମ୍ପ୍ରସାରଣ ଯୋଜନା ଅଟକି ରହିଛି । ଏହି ସମସ୍ୟାର ସମାଧାନର ଆବଶ୍ୟକତା ଉପରେ ଆଲୋଚନା କରିବା ସହ ଏହାକୁ ତ୍ୱରାନ୍ୱିତ କରିବାକୁ ଦିଲ୍ଲୀପ ଶ୍ରୀ ମୋଦିଙ୍କୁ ଅନୁରୋଧ କରିଛନ୍ତି ।

ସେ ଆହୁରି କହିଛନ୍ତି ଯେ, ରାଉରକେଲା ବିମାନବନ୍ଦରର ଉନ୍ନତିକରଣ ଓ ସମ୍ପ୍ରସାରଣ ହେବା ଦରକାର। ରାଉରକେଲା ବିମାନବନ୍ଦରର ଉନ୍ନତିକରଣ ଓ ସମ୍ପ୍ରସାରଣ ପ୍ରତି ମଧ୍ୟ ଶ୍ରୀ ମୋଦିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଶ୍ରୀ ରାୟ। ଏକ ପ୍ରମୁଖ ଶିଳ୍ପ, ଶିକ୍ଷାଗତ ଓ କ୍ରୀଡ଼ା ସହର ହୋଇଥିଲେ ମଧ୍ୟ ରାଉରକେଲାରେ ଏବେ ବି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ବିମାନବନ୍ଦର ନାହିଁ । ବିମାନ ବନ୍ଦରକୁ ୪ସି ବର୍ଗରେ ପରିଣତ କରିବା, ରନ୍ ୱେକୁ ସମ୍ପ୍ରସାରଣ କରିବା, ନାଇଟ୍ ଲ୍ୟାଣ୍ଡିଂ ସୁବିଧା ସ୍ଥାପନ କରିବା ଏବଂ ବିଶ୍ୱସନୀୟ ବିମାନ ସଂଯୋଗ ସୁନିଶ୍ଚିତ କରିବା ପାଇଁ ଅଧିକ ବିମାନ ଅପରେଟରଙ୍କୁ ଆଣିବାର ଆବଶ୍ୟକତା ଉପରେ ମଧ୍ୟ ଦିଲ୍ଲୀପ ଆଲୋକପାତ କରିଛନ୍ତି । ଶୀଘ୍ର ପ୍ରଧାନମନ୍ତ୍ରୀ ଏସବୁକୁ କାର୍ଯ୍ୟକ୍ଷମ କରିବେ ବୋଲି ଆଶା ପ୍ରକଟ କରିଛନ୍ତି ଶ୍ରୀ ରାୟ ।



ଭୁବନେଶ୍ୱର : ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି କେନ୍ଦ୍ର ଦକ୍ଷତା ବିକାଶ ମନ୍ତ୍ରୀ। (ଫଟୋ : ସମ୍ବାଦ କଳିକା)

# ଆମେରିକାର ତୁଲସା ବିଶ୍ୱବିଦ୍ୟାଳୟ ଓ କିଟ୍ ମଧ୍ୟରେ ବୁଝାମଣା

**ଭୁବନେଶ୍ୱର, ୨୦।୩**
**ନ୍ୟୁଜ ବ୍ୟୁରୋ**
ଆମେରିକାର ତୁଲସା ବିଶ୍ୱବିଦ୍ୟାଳୟ ଓ କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଗୁରୁବାର ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି। ଏହି ବୁଝାମଣାପତ୍ରରେ ତୁଲସା ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱବିଦ୍ୟାଳୟ ଗ୍ଲୋବାଲ୍ ଏନ୍‌ଗେଜମେଣ୍ଟର ଭାଇସ୍ ପ୍ରୋଭୋଷ୍ଟ ଡ. ଭିଭାନ୍ ୱାଙ୍ଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣାପତ୍ର ଅନୁଯାୟୀ କିଟ୍‌ରେ ବିଟେକ୍ ପଢୁଥିବା ଛାତ୍ରଛାତ୍ରୀମାନେ ଡୁଆଲ ଡିଗ୍ରୀ ହାସଲ କରିପାରିବେ। ସେମାନେ ଦୁଇ ବର୍ଷ କିଟ୍ ବିଶ୍ୱବିଦ୍ୟାଳୟରେ ଓ ବାକି ଦୁଇ ବର୍ଷ ତୁଲସା ବିଶ୍ୱବିଦ୍ୟାଳୟରେ




ଅଧ୍ୟୟନ କରିବାର ସୁଯୋଗ ପାଇବେ। ଫଳରେ କିଟ୍ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରିବା ସହ ତୁଲସା ବିଶ୍ୱବିଦ୍ୟାଳୟରୁ ଆଉ ଏକ ଡିଗ୍ରୀ ହାସଲ କରିପାରିବେ। ଏହା ବ୍ୟତୀତ କିଟ୍‌ର ବିଭିନ୍ନ ପାଠ୍ୟକ୍ରମର ୪୦ ଜଣ ଛାତ୍ରଛାତ୍ରୀ ତୁଲସା ବିଶ୍ୱବିଦ୍ୟାଳୟରେ ଦୁଇ ସପ୍ତାହର ଗ୍ରୀଷ୍ମକାଳୀନ ପାଠ୍ୟକ୍ରମ ପାଇଁ ଯିବାର ସୁଯୋଗ ପାଇବେ। ସେଠାରେ ଏହି ଛାତ୍ରଛାତ୍ରୀମାନେ ନିଜର ସଂସ୍କୃତି ଓ ନେତୃତ୍ୱ ବିଷୟରେ ତୁଲସା ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଜଣାଇବା ସହ ନିଜେ ମଧ୍ୟ ସେଠାକାର ସଂସ୍କୃତି ଓ ନେତୃତ୍ୱ ସମ୍ପର୍କରେ ଜ୍ଞାନ ଆହରଣ କରିବେ। ଗତ ଏକ ବର୍ଷ ଧରି କିଟ୍ ପକ୍ଷରୁ ଏଥିପାଇଁ ପ୍ରୟାସ ଜାରି ରହିଥିଲା। ଏହା ବିଶ୍ୱବିଦ୍ୟାଳୟ ବୈଶ୍ୱିକ ଶିକ୍ଷା ଦିଗରେ କିଟ୍‌ର ଏକ ସଫଳ ପ୍ରୟାସ। ଏହା ବ୍ୟତୀତ ଉଭୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗବେଷଣା, ଛାତ୍ର ଓ ଅଧ୍ୟାପକ ବିନିମୟ କାର୍ଯ୍ୟକ୍ରମ ମଧ୍ୟ ଜାରି ରହିବ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ଏଭଳି ଏକ ପ୍ରୟାସକୁ ପ୍ରଶଂସା କରିବା ସହ ତୁଲସା ବିଶ୍ୱବିଦ୍ୟାଳୟ ପ୍ରୋଭୋଷ୍ଟ ଭିଭାନ୍‌ଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, ବିଭିନ୍ନ ସ୍କୁଲର ନିର୍ଦ୍ଦେଶକ, ଡିନ୍ ଓ ପ୍ରାଧ୍ୟାପକମାନେ ଉପସ୍ଥିତ ଥିଲେ।

# ବିଆଇପିଏଫ୍ ପକ୍ଷରୁ ସିଆଇଆରଟିଡିକୁ ଦ୍ୱାଦଶ ଶାମ୍ଭବୀ ପୁରସ୍କାର ପ୍ରଦାନ

**ଭୁବନେଶ୍ୱର, ୨୦/୩**
**ନ୍ୟୁଜ ବ୍ୟୁରୋ**
ଗ୍ରାମୀଣ ବିକାଶରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ସେଣ୍ଟର ଫର ଇଣ୍ଟିଗ୍ରେଟେଡ୍ ରୁରାଲ ଆଣ୍ଡ ଟ୍ରାଇବାଲ ଡେଭଲପମେଣ୍ଟ (ସିଆଇଆରଟିଡ଼ି)କୁ ଦ୍ୱାଦଶ ଶାମ୍ଭବୀ ପୁରସ୍କାର ପ୍ରଦାନ କରିଛି। ସିଆଇଆରଟିଡ଼ି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସୁନ୍ଦରଗଡ଼ ଜିଲ୍ଲାର ଚାଷୀ, ମହିଳା, ଶିଶୁ ଏବଂ ଯୁବବର୍ଗଙ୍କୁ ସେମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବାରେ ସାହାଯ୍ୟ କରିଆସୁଛି। ଶ୍ରବଣ ବାଧାଗ୍ରସ୍ତ ପିଲାମାନଙ୍କୁ ସାହାଯ୍ୟ କରିବା ଏବଂ ସେମାନଙ୍କୁ ନିଜ କ୍ଷମତା ଅନୁରୂପ ସକ୍ଷମ କରିବା ପାଇଁ ଓଡ଼ିଶାର ସୋନପୁରର ଡକ୍ଟର ଶିବାଜୀ ପଣ୍ଡାଙ୍କୁ ଜୁରୀ ପ୍ରଶଂସା ପ୍ରମାଣପତ୍ରରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ କେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟୋଗ (ସ୍ୱାଧୀନ) ଏବଂ ଶିକ୍ଷା ବିଭାଗ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ସିଂହ ଚୌଧୁରୀ ମୁଖ୍ୟ ଅତିଥି ଓ ପଦ୍ମଶ୍ରୀ ପ୍ରଫେସର ଡକ୍ଟର ଅଶୋକ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ




ଅତିଥି, ସମ୍ମାନିତ ଅତିଥି ଏବଂ ଦକ୍ଷତା କ୍ଷେତ୍ର ଓ ବିଦ୍ୟାଳୟର ଯୁବ ପ୍ରତିନିଧିମାନଙ୍କ ମଧ୍ୟରେ ଏକ ସରଗରମ ଓ ରୋଚକ ଆଲୋଚନା ଏହି ସମାରୋହର ଏକ ପ୍ରମୁଖ ଆକର୍ଷଣ ଥିଲା। ଶ୍ରୀମତୀ ଶୈଫାଳିକା ପଣ୍ଡାଙ୍କ ଦ୍ୱାରା ସଞ୍ଚାଳନ କରାଯାଇଥିବା ଏହି ଅଧିବେଶନରେ ଆଜିର ଯୁବପିଢ଼ିଙ୍କ ଆକାଂକ୍ଷା, ଚ୍ୟାଲେଞ୍ଜ ଏବଂ ଭବିଷ୍ୟତର ସୁଯୋଗ ବିଷୟରେ ଆଲୋଚନା କରାଯାଇଥିଲା। ଆଲୋଚନାରେ ଦକ୍ଷତା ବିକାଶ, କ୍ୟାରିଅର ପ୍ରସ୍ତୁତି ଏବଂ ନିଯୁକ୍ତି ସମ୍ଭାବନାକୁ ଉନ୍ନତ କରିବା ପାଇଁ ଏକ ସାମଗ୍ରିକ ଦୃଷ୍ଟିକୋଣର ଅବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅନ୍ତର୍ଦୃଷ୍ଟି ପୂର୍ଣ୍ଣଭାବ ଆଦାନ ପ୍ରଦାନ ଏକ ଅନ୍ତର୍ଭୁକ୍ତକାରୀ ଏବଂ ପ୍ରଗତିଶୀଳ ସମାଜ ଗଠନରେ ଯୁବ ପରିବର୍ତ୍ତନକାରୀଙ୍କ ଭୂମିକାକୁ ପ୍ରତିପାଦିତ କରିଥିଲା। ୨୦୧୪ ମସିହାରେ ଏହାର ଶୁଭାରମ୍ଭ ହେବା ପରଠାରୁ, ଶାମ୍ଭବୀ ପୁରସ୍କାର ୨୦ରୁ ଅଧିକ ତୃଣମୂଳ ସ୍ତରର ପରିବର୍ତ୍ତନକାରୀଙ୍କୁ ସ୍ୱୀକୃତି ପ୍ରଦାନ କରିବା ସହିତ ସେମାନଙ୍କୁ ସଶକ୍ତ କରିଛି, ଯାହା ସେମାନଙ୍କର ପ୍ରଭାବକୁ ବୃଦ୍ଧି କରିବା ସହ ଗୋଷ୍ଠୀ-କେନ୍ଦ୍ରିକ ପରିବର୍ତ୍ତନକୁ ପ୍ରେରଣା ଯୋଗାଇଛି। ଏହି ପୁରସ୍କାର ବାବଦରେ ୫,୦୦,୦୦୦ ଟଙ୍କା ନଗଦ ପୁରସ୍କାର ସହିତ ଏକ ଗୁଣୋଲ୍ଲେଖ ଏବଂ ଟ୍ରଫି ପ୍ରଦାନ କରାଯାଉଛି । ସେହିପରି ଜୁରି ପ୍ରଶଂସା ପ୍ରମାଣପତ୍ରରେ ୧,୦୦,୦୦୦ ଟଙ୍କା ନଗଦ ପୁରସ୍କାର ଏବଂ ଏକ ଗୁଣୋଲ୍ଲେଖ ଅନ୍ତର୍ଭୁକ୍ତ। ଏହି ଅବସରରେ ମୁଖ୍ୟ ଅତିଥି ଜୟନ୍ତ ସିଂହ ଚୌଧୁରୀ ନିଜର ବକ୍ତବ୍ୟ ରଖି କହିଥିଲେ ଯେ, 'ଓଡ଼ିଶା ଏକ ସମ୍ପଦ ସମୃଦ୍ଧ ରାଜ୍ୟ ଏବଂ ଏଠାକାର ଲୋକଙ୍କ ପାଇଁ ଦକ୍ଷତା ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାଂଗଠନିକ ଦୃଷ୍ଟିରୁ, ଓଡ଼ିଶା ଏହି କ୍ଷେତ୍ରରେ ଆଗରେ ଅଛି। କିନ୍ତୁ ଯେକୌଣସି ସମ୍ପଦ ସମୃଦ୍ଧ ଅଞ୍ଚଳ ପରି ଏଠାରେ ଲୋକଙ୍କ ମଧ୍ୟରେ ଆର୍ଥିକ ଅସମାନତା ରହିଛି। ଏହାକୁ ଦୂର କରିବା ପାଇଁ ନିଯୁକ୍ତି ପ୍ରଦାନକାରୀ ଉଦ୍ୟୋଗୀଙ୍କ ଆବଶ୍ୟକତା ଅଛି।' ବିଆଇପିଏଫର ଟ୍ରଷ୍ଟି ଏବଂ ପ୍ରତିଷ୍ଠାତା ସିଇଓ ଏବଂ ଇମ୍ଫାର ସିଏସଆର (ସ୍ୱତନ୍ତ୍ର ପଦକ୍ଷେପ) ମୁଖ୍ୟ ଶୈଫାଳିକା ପଣ୍ଡା କହିଛନ୍ତି ଯେ 'ପରିବର୍ତ୍ତନ ଆଣିବା ହେଉଛି ଦୃଢ଼ତା, ଉଦ୍ଦେଶ୍ୟ ଏବଂ ଅନ୍ୟମାନେ ଯେଉଁଠାରେ ଚ୍ୟାଲେଞ୍ଜ ଦେଖନ୍ତି ସେଠାରେ ସମ୍ଭାବନା ଦେଖିବାର କ୍ଷମତା। ଶାମ୍ଭବୀପୁରସ୍କାରପ୍ରାପ୍ତ ବ୍ୟକ୍ତିମାନେ ଆମକୁ ମନେ ପକାଇ ଦିଅନ୍ତି ଯେ ପ୍ରକୃତ ପରିବର୍ତ୍ତନ ନିବିଡ ସମ୍ପର୍କ ସହିତ ଜଡିତ।' ସମ୍ମାନିତ ଅତିଥି ପଦ୍ମଶ୍ରୀ ପ୍ରଫେସର (ଡକ୍ଟର) ଅଶୋକ କୁମାର ମହାପାତ୍ର ମଧ୍ୟ ନିଜର ମନ୍ତବ୍ୟ ରଖି କହିଥିଲେ ଯେ , 'ଯେତେବେଳେ ଆମେ ଗୋଷ୍ଠୀମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ସମ୍ଭାବନାକୁ ଚିହ୍ନଟ କରିବା ସହିତ ଏହାକୁ ବିକଶିତ କରୁ, ସେତେବେଳେ ପରିବର୍ତ୍ତନର ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଶାମ୍ଭବୀ ପୁରସ୍କାର ମାଧ୍ୟମରେ ବିଆଇପିଏଫ୍ ଅବହେଳିତ ଗୋଷ୍ଠୀ ଏବଂ ଶ୍ରବଣ ବାଧାପ୍ରାପ୍ତ ପିଲାମାନଙ୍କୁ ସଶକ୍ତ କରିବା ପାଇଁ ପୁରସ୍କାର ବିଜେତାଙ୍କ ଉଲ୍ଲେଖନୀୟ କାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ କରିଛି । ସେମାନଙ୍କ କାର୍ଯ୍ୟ ଏକ ଅଧିକ ଅନ୍ତର୍ଭୁକ୍ତକାରୀ ଏବଂ ନ୍ୟାୟସଙ୍ଗତ ଭବିଷ୍ୟତ ସୃଷ୍ଟି କରିବା ପାଇଁ ପ୍ରେରଣା ସ୍ରୋତ ଭାବରେ କାର୍ଯ୍ୟ କରିବ।'

## ହାଇକୋର୍ଟଙ୍କ 'ଚେକ୍ ବାଉନ୍ସ' ରାୟ

# 'କେବଳ ଅଧିକାରୀ ନୁହନ୍ତି, କମ୍ପାନୀକୁ ପକ୍ଷଭୁକ୍ତ କରିବା ଉଚିତ'

**କଟକ, ୨୦/୦୩ ନ୍ୟୁଜ ବ୍ୟୁରୋ**
ଚେକ୍ ବାଉନ୍ସ ମାମଲାରେ କମ୍ପାନୀକୁ ପକ୍ଷଭୁକ୍ତ ନ କରି କେବଳ ଅଧିକାରୀଙ୍କୁ ଅଭିଯୁକ୍ତ ଦର୍ଶାଇବା ଗ୍ରହଣୀୟ ବୋଲି, ଚେକ୍ ବାଉନ୍ସ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ହାଇକୋର୍ଟ ଏହି ରାୟରେ ସ୍ପଷ୍ଟ କରିଛନ୍ତି ଯେ, ଯଦି କୌଣସି କମ୍ପାନୀ ତରଫରୁ ପ୍ରଦାନ କରାଯାଇଥିବା ଚେକ୍ ବାଉନ୍ସ ହୁଏ ଏବଂ ଏନେଇ ଯଦି ମାମଲା ରୁଜୁ କରାଯାଏ ଓ ଏଥିରେ କମ୍ପାନୀର ପଦାଧିକାରୀଙ୍କୁ କେବଳ ଅଭିଯୁକ୍ତ ଭାବେ ପକ୍ଷଭୁକ୍ତ କରାଯାଏ, ତେବେ ଏହା ଆଇନ୍ ସମ୍ମତ ନୁହେଁ। ଏନ୍ଆଇ ଆକ୍ଟ ଅନୁସାରେ ଏଭଳି ମାମଲାରେ ପଦାଧିକାରୀଙ୍କ ସହିତ କମ୍ପାନୀକୁ ମଧ୍ୟ ଅଭିଯୁକ୍ତ ଭାବେ ଅଦାଲତରେ ଏହି ମାମଲାରେ ପକ୍ଷଭୁକ୍ତ କରାଯିବା କଥା । ସଂପୃକ୍ତ କମ୍ପାନୀକୁ ପକ୍ଷଭୁକ୍ତ ନ କରି କେବଳ ଏହାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରି ରୁଜୁ ଚେକ୍ ବାଉନ୍ସ ମାମଲାକୁ ହାଇକୋର୍ଟ ରଦ୍ଦ କରିଛନ୍ତି । ବିଚାରପତି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ



ଗଠିତ ଖଣ୍ଡପୀଠ ଜି. କେ. ହୋତାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୪ ଲକ୍ଷ ଟଙ୍କାର ଚେକ୍ ବାଉନ୍ସ ନେଇ ବାଲେଶ୍ୱର ଏସଡିଜେଏମ କୋର୍ଟରେ ମାମଲା ରୁଜୁ ହୋଇଥିଲା । କୋର୍ଟ ଏହି ମାମଲାରେ କଗନିଜାନ୍ସ ଗ୍ରହଣ କରିଥିଲେ । ପରବର୍ତ୍ତୀ ସମୟରେ ବାଲେଶ୍ୱର ଜେଏମଏଫସି ଅଦାଲତକୁ ମାମଲା ଶୁଣାଣି ପାଇଁ ଆସିଥିଲା। ମାମଲାର ଶୁଣାଣିରେ ଯଥେଷ୍ଟ ଅଗ୍ରଗତି ହୋଇଥିବା ବେଳେ ଆବେଦନକାରୀଙ୍କ ତରଫରୁ ଏକ ପିଟିସନ ଦାଖଲ କରାଯାଇ କମ୍ପାନୀକୁ ଅଭିଯୁକ୍ତ ଭାବେ ଦର୍ଶାଯାଇ ନଥିବା ପ୍ରସଙ୍ଗରେ ଅବଗତ କରାଯାଇଥିଲା । କମ୍ପାନୀ ବିରୋଧରେ ଅଭିଯୋଗ ଥିବା ବେଳେ ଏହାକୁ ପକ୍ଷଭୁକ୍ତ ନ କରି କେବଳ ଚେକ୍‌ରେ କମ୍ପାନୀ ତରଫରୁ ଦସ୍ତଖତ କରିଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଥିଲା । ତେବେ ଏହି ମାମଲା, ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ପିଟିସନରେ ଦର୍ଶାଯାଇଥିଲା । ଜେଏମଏଫସି ଅଦାଲତ ଏପରି ପିଟିସନକୁ ୨୦୧୪, ମେ' ୫ ରେ ଖାରଜ କରିଥିଲେ । ତଳ କୋର୍ଟଙ୍କ ନିର୍ଦ୍ଦେଶକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଚେକ୍ ବାଉନ୍ସ ମାମଲା ରୁଜୁ କରିଥିବା ଅଭିଯୋଗକାରୀଙ୍କୁ ହାଇକୋର୍ଟରେ ପକ୍ଷଭୁକ୍ତ କରି ଏହି ମାମଲା ଦାୟର ହୋଇଥିଲା । ଚେକ୍ ଦେଇଥିବା କମ୍ପାନୀକୁ ପକ୍ଷଭୁକ୍ତ କରି ନଥିବାରୁ ନିମ୍ନ ଅଦାଲତରେ ଦାୟର ମାମଲା ଗ୍ରହଣୀୟ ହେବା କଥା ନୁହେଁ ବୋଲି ଆବେଦନକାରୀ କୋର୍ଟରେ ଯୁକ୍ତି ରଖିଥିଲେ। ଏପରିକି ସୁପ୍ରିମକୋର୍ଟଙ୍କ ଅନିତା ହାଡା ମାମଲାର ରାୟ ସମ୍ପର୍କରେ କୋର୍ଟଙ୍କୁ ଅବଗତ କରାଯାଇଥିଲା । ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

# କଂଗ୍ରେସ ବିଧାୟକଙ୍କ ନାରାବାଜି ଓ ହଟ୍ଟଗୋଳ ଯୋଗୁଁ ହୋଇପାରିଲାନି ପ୍ରଶ୍ନୋତ୍ତର

**ଭୁବନେଶ୍ୱର, ୨୦/୩ ନ୍ୟୁଜ ବ୍ୟୁରୋ**
ଦିବଂଗତ ପୂର୍ବତନ ବିଧାୟକ ଦେବରାଜ ସେଠଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମ ସମ୍ପାଦିତ ହେବା ପରେ ହଠାତ୍ ଗୃହ ଅଶାନ୍ତ ହୋଇ ପଡ଼ିଥିଲା। ବିରୋଧୀ କଂଗ୍ରେସ ବିଧାୟକମାନେ ନାରୀ ସୁରକ୍ଷା ପ୍ରସଙ୍ଗରେ ସେମାନେ ପୂର୍ବ ଦିନମାନଙ୍କରେ ଚଳାଇ ଆସିଥିବା ପ୍ରତିବାଦ, ହଟ୍ଟଗୋଳ ଓ ନାରାବାଜି ପୁନର୍ବାର ଆରମ୍ଭ କରି ଦେଇଥିଲେ। ଯାହା ଫଳରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା ଏବଂ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଗୃହରେ ଏ ପ୍ରକାର ଅଚଳାବସ୍ଥାକୁ ଏଡ଼ାଇବା ପାଇଁ ବୈଠକକୁ ମଧ୍ୟାହ୍ନ ୧୨ ଯାଏ ମୁଲତବୀ ଘୋଷଣା କରିବାକୁ ବାଧ୍ୟ ହୋଇଥିଲେ। ଗୁରୁବାର ଗୃହରେ ଦିଂବଗତ ପୂର୍ବତନ ବିଧାୟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମ ଶେଷ ହେବା କ୍ଷଣି ବାଚସ୍ପତି ଶ୍ରୀମତୀ ପାଢୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ କଂଗ୍ରେସ ଦଳର ବିଧାୟକମାନେ ପୂର୍ବଦିନ ଭଳି ସମାନ ପ୍ରସଙ୍ଗ ନାରୀ ସୁରକ୍ଷା ନେଇ ପ୍ରତିବାଦ ଆରମ୍ଭ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ନିଜ ଆସନରେ ଠିଆହୋଇ ପ୍ରତିବାଦ କରିଥିବା ବେଳେ ତାଙ୍କ ଦଳର ବିଧାୟକ ସି.ଏସ୍ ରାଜନ ଏକ୍କା, ରମେଶ ଜେନା, ଦାଶରଥି ଗମାଙ୍ଗ, ସାଗର ଦାସ, ଅଶୋକ ଦାସ, ସୋଫିଆ ଫିର୍ଦ୍ଦୋଷ ପ୍ରମୁଖ ହାତରେ ପ୍ଲାକାର୍ଡ଼ ଧରି ଗୃହ ମଝିକୁ ଆସି ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ନାରାବାଜି ଆରମ୍ଭ କରି ଦେଇଥିଲେ। ବାଚସ୍ପତି ୧୦.୪୬ ମିନିଟ୍‌ରେ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏହାପରେ ଦ୍ୱିତୀୟ ବାର ମଧ୍ୟାହ୍ନ ୧୨ଟାରେ ବାଚସ୍ପତି ଗୃହ କାର୍ଯ୍ୟ ପୁନର୍ବାର ଆରମ୍ଭ କରିଥିଲେ। ହେଲେ ଏଥର କଂଗ୍ରେସ ବିଧାୟକମାନେ ଅଧିକ ଜୋର୍‌ରେ ଗୃହ ମଝିରେ ନାରାବାଜି ସହ ହୁଇସିଲ୍ ବଜାଇଥିଲେ। ବାଚସ୍ପତି ଗୁରୁତ୍ୱପୂର୍ଣ୍ଣ ମୁଲତବୀ ପ୍ରସ୍ତାବ ଆଲୋଚନା ପାଇଁ ଡାକିଥିଲେ। ତେବେ ବିରୋଧୀ କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ କାଡ଼ାମ ନିଜ ଆସନରେ ଠିଆ ହୋଇ ସେମାନେ ଉଠାଇଥିବା ଦାବି ଅନୁସାରେ ନାରୀ ସୁରକ୍ଷା ପ୍ରସଙ୍ଗରେ ଗୃହ କମିଟି ଗଠନ କରିବା ଏବଂ ଏ ସମ୍ପର୍କରେ ସରକାର ଘୋଷଣା ନ କରିବା ପର୍ଯ୍ୟନ୍ତ ସେମାନଙ୍କର ପ୍ରତିବାଦ ଜାରି ରହିବ ଓ ସେମାନେ ଏହି ଦାବିରେ ବିଧାନସଭା ପରିସରସ୍ଥ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଧାରଣା ଦେବାକୁ ଯାଉଛୁ ବୋଲି କହି ଗୃହରେ କକ୍ଷତ୍ୟାଗ କରିଥିଲେ।

# ସପ୍ତମ ଓ ଅଷ୍ଟମ ଶ୍ରେଣୀ ପରୀକ୍ଷା ପୂର୍ବରୁ ୟୁଟ୍ୟୁବରେ ଘୂରି ବୁଲୁଛି ପ୍ରଶ୍ନପତ୍ର

**ଭୁବନେଶ୍ୱର ୨୦/୦୩ ନ୍ୟୁଜ ବ୍ୟୁରୋ**
ପିଲାଙ୍କ ଭବିଷ୍ୟତ ସହିତ ସାଙ୍ଘାତିକ ଖେଳ। ପରୀକ୍ଷା ପୂର୍ବରୁ ୟୁଟ୍ୟୁବରେ ଘୂରି ବୁଲୁଛି ପ୍ରଶ୍ନପତ୍ର। ଗୁରୁବାର ସପ୍ତମ ଓ ଅଷ୍ଟମ ଶ୍ରେଣୀର ଭୂଗୋଳ ପରୀକ୍ଷା ଚାଲିଥିବା ବେଳେ ବୁଧବାରଠାରୁ ଏହା ୟୁଟ୍ୟୁବରେ ଅପଲୋଡ଼ ହୋଇ ପ୍ରଶ୍ନପତ୍ର ଭାଇରାଲ ହେଉଛି। ଏଠି କେବଳ ପ୍ରଶ୍ନ ନୁହେଁ ଉତ୍ତର ମଧ୍ୟ ମିଳି ଯାଉଛି । ତେଣୁ ବହି ପଢିବା ବଦଳରେ ୟୁଟ୍ୟୁବ ଦେଖି ପରୀକ୍ଷାରେ ଲେଖୁଛନ୍ତି ଛାତ୍ରଛାତ୍ରୀ। ତେଣୁ ପିଲାମାନଙ୍କର ଭବିଷ୍ୟତ ନେଇ ଚିନ୍ତାରେ ପଡି ଯାଇଛନ୍ତି ଅଭିଭାବକ। ସେହିପରି ଅନ୍ୟ ଦିନର ସମସ୍ତ ବିଷୟ ମଧ୍ୟ ୟୁଟ୍ୟୁବରେ ଉପଲବ୍ଧ ରହିଛି। ତେଣୁ ପିଲାମାନଙ୍କର ଭବିଷ୍ୟତ ନେଇ ଚିନ୍ତାରେ ପଡି ଯାଇଛନ୍ତି ଅଭିଭାବକ । ଶିକ୍ଷାକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ପାଇଁ ସରକାର ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ମାତ୍ର କିଛି ଅସାଧୁ କର୍ମଚାରୀ ଏବଂ ୟୁଟ୍ୟୁବରଙ୍କ ପାଇଁ ରାଜ୍ୟରେ ଭୁଶୁଡିବାକୁ ବସିଛି ଶିକ୍ଷା ବ୍ୟବସ୍ଥା । ଆଉ ଅନ୍ଧାର ଭିତରକୁ ଠେଲି ହୋଇ ଯାଉଛି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ।




# ପ୍ରଶ୍ନୋତ୍ତର କାଳର ସିଧାପ୍ରସାରଣ ବନ୍ଦ ନେଇ ବିଜେଡିର ପ୍ରତିବାଦ

**ଭୁବନେଶ୍ୱର, ୨୦/୩**
**ନ୍ୟୁଜ ବ୍ୟୁରୋ**
ଗୁରୁବାର ବିଧାନସଭାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର ସିଧା ପ୍ରସାରଣ ଭିଡ଼ିଓ ବ୍ୟବସ୍ଥାକୁ ବନ୍ଦ କରି ଦିଆଯାଇଥିବା ପ୍ରତିବାଦରେ ମୁଖ୍ୟ ବିରୋଧିଦଳ ବିଜେଡି ପକ୍ଷରୁ ଅଭିନବ ଢଙ୍ଗରେ ପ୍ରତିବାଦ୍ କରାଯାଇଥିଲା। ଦ୍ୱିତୀୟାର୍ଦ୍ଧ ବୈଠକ ଆରମ୍ଭରେ ବିଜେଡି ବିଧାୟକମାନେ ନିଜ ନିଜ ଆସନରେ ଠିଆ ହୋଇ ହାତରେ କଳାପଟି ବାନ୍ଧି ପ୍ରତିବାଦ ଓ ନାରାବାଜୀ କରିଥିଲେ। ବିଜେଡିର ବରିଷ୍ଠ ବିଧାୟକ ତଥା ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଏକ ବୈଧାନିକ ପ୍ରଶ୍ନ ଉଠାଇ ଗୃହରେ ଅଧ୍ୟକ୍ଷତା କରୁଥିବା ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଦର୍ଶାଇଥିଲେ ଯେ, ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁସାରେ ଗୃହର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର ସିଧା ପ୍ରସାରଣ ବ୍ୟବସ୍ଥା ଦୀର୍ଘ ବର୍ଷଧରି ପ୍ରଚଳିତ ହୋଇ ଆସୁଛି। ରାଜ୍ୟବାସୀ ବିଧାନସଭାରେ କ'ଣ ସବୁ ଘଟଣା ଘଟୁଛି, ସେ ସମ୍ପର୍କରେ ମଧ୍ୟ ଜାଣିବାର ଅଧିକାର ରହିଛି କିନ୍ତୁ ଗୁରୁବାର ବିଧାନସଭାର ପ୍ରଶ୍ନୋତ୍ତର କାଳର ହୋଇଥିବା ସିଧା ପ୍ରସାରଣରୁ ଜଣାପଡୁଛି ସରକାର ପକ୍ଷପାତିତା ନୀତି ଅବଲମ୍ବନ କରୁଛନ୍ତି। କାରଣ ଗୃହରେ କେବଳ ମନ୍ତ୍ରୀ ଏବଂ ଶାସକ ଦଳର ବିଧାୟକମାନେ ଯାହା କହୁଛନ୍ତି ତାହାର ପ୍ରସାରଣ ହୋଇଥିବା ବେଳେ ବିରୋଧୀ ଦଳରୁ



କୌଣସି ବିଧାୟକ ଯାହାବି କହୁଛନ୍ତି କି ଗୃହରେ ଯାହା ଘଟୁଛି, ସେ ସମ୍ପର୍କରେ କିଛି ପ୍ରସାରଣ ହେଉନାହିଁ। ଏଭଳି ପ୍ରଦର୍ଶନ କରାଯାଉଛି ଯେପରି ଜରୁରୀକାଳୀନ ପରିସ୍ଥିତି ସମୟରେ ହେଉଥିଲା । ସେଭଳି ବର୍ତ୍ତମାନ ସରକାର କରିବାକୁ ଋହୁଁଛନ୍ତି। ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ଦର୍ଶାଇ ଶ୍ରୀ ଆଚାର୍ଯ୍ୟ ଏଭଳି କାର୍ଯ୍ୟରୁ ସରକାର ନିବୃତ୍ତ ରହିବା ଏବଂ ଗୃହରେ ଯାହା ଘଟଣା ଘଟୁଛି ତାହାକୁ ରାଜ୍ୟବାସୀଙ୍କୁ ଜଣାଇବାର ଯେଉଁ ବ୍ୟବସ୍ଥା ପ୍ରଚଳିତ ହୋଇ ଆସୁଥିଲା ତାହାକୁ ବଳବତ୍ତର ରଖିବା ଦିଗରେ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ।

ଶ୍ରୀ ଆଚାର୍ଯ୍ୟଙ୍କ ବକ୍ତବ୍ୟକୁ ସମର୍ଥନ ଜଣାଇ ଗୃହରେ ବିଜେଡ଼ି ବିଧାୟକ ସର୍ବଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅଶ୍ୱିନୀ ପାତ୍ର, ଗଣେଶ୍ୱର ବେହେରା, ଦେବୀ ରଞ୍ଜନ ତ୍ରିପାଠୀ, ସାରଦା ପ୍ରସାଦ ଜେନା, ରମାକାନ୍ତ ଭୋଇ, ଅଧିରାଜ ମୋହନ ପାଣିଗ୍ରାହୀ, ନିରଞ୍ଜନ ପୂଜାରୀ, ପ୍ରଶାନ୍ତ ବେହେରା, ନଳିନୀକାନ୍ତ ପ୍ରଧାନ, ଅରବିନ୍ଦ ମହାପାତ୍ର ଓ ପ୍ରମିଳା ମଲ୍ଲିକ ପ୍ରମୁଖ ନିଜ ନିଜ ଆସନରେ ଠିଆହୋଇ ପ୍ରତିବାଦ ସ୍ୱରୂପ ନାରାବାଜି କରିଥିଲେ। ସେମାନେ ତାନାସାହି ଚଳିବ ନାହିଁ, ଏକଛତ୍ରବାଦ ମନୋଭାବ ଚଳିବ ନାହିଁ ସ୍ଲୋଗାନ ଦେଇଥିଲେ ଏବଂ ହାତରେ କଳାପଟି ବାନ୍ଧିଥିଲେ। ଏପରିକି ବିଜେଡ଼ି ବିଧାୟକମାନେ ଏହି ପ୍ରସଙ୍ଗରେ ଉପ ବାଚସ୍ପତିଙ୍କ ଠାରୁ ରୁଲିଂ ଦାବି କରିଥିଲେ। ଉପ ବାଚସ୍ପତି ଶ୍ରୀ ଭୋଇ କହିଥିଲେ ଯେ, ଗୃହରେ ଉଠିଥିବା ବିଷୟରେ ସେ ବାଚସ୍ପତିଙ୍କୁ ବିଋର ପାଇଁ ଜଣାଇଦେବେ। ଏହାପରେ ମଧ୍ୟ ହଟ୍ଟଗୋଳ ଲାଗି ରହିବାରୁ ଉପବାଚସ୍ପତି ଅଚଳାବସ୍ଥା ଏଡାଇବା ପାଇଁ ଗୃହକୁ ୪.୭ରୁ ୧୦ ମିନିଟ ପାଇଁ ମୁଲତବୀ ଘୋଷଣା କରିଥିବା ବେଳେ ତା'ପରେ ଅଧିଷ୍ଠାତା ସନାତନ ବିଜୁଳି ଆଉ ୧୫ ମିନିଟ୍ ପାଇଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ।